

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୪ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 FEBRUARY 2023

Vol.No. 34 ■ No. 52 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିମାନ ଭିତରୁ କଂଗ୍ରେସ ନେତା ଗିରଫ



ନୂଆଦିଲ୍ଲୀ,୨୩/୦୨ : ରନୱେରେ ବିମାନ ଆଗରେ ଧାରଣା । 'ବିଜେପି ନେତା ହାଏ ହାଏ' ନାରାବାଜୀ ସହ ପ୍ରତିବାଦ କରୁଛନ୍ତି ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ । କଂଗ୍ରେସ ନେତାଙ୍କ ଏଭଳି ନିଆରା ପ୍ରତିବାଦ ବରିଷ୍ଠ ନେତା ପବନ ଖେଡାଙ୍କ ଗିରଫଦାରୀ ବିରୋଧରେ କରାଯାଇଛି । ବିମାନରେ ବସିବା ବଦଳରେ ବିମାନ ତଳେ ବସି ରନୱେ ଉପରେ ଧାରଣା ଦେଉଛନ୍ତି । ସୂଚନା ଅନୁସାରେ ଛତିଶଗଡରେ ଆୟୋଜିତ କଂଗ୍ରେସ ଅଧିବେଶନେରେ ଯୋଗଦେବାକୁ ଦିଲ୍ଲୀରୁ ବାହାରିଥିଲେ ବରିଷ୍ଠ କଂଗ୍ରେସ ନେତାଙ୍କ ସହ କର୍ମୀ । ସକାଳ ସାଢେ ୧୧ଟାରେ ବିମାନରେ ବସିଥିଲେ । ହେଲେ ବିମାନ ଉଡାଣ ଭରିବା ଠିକ୍ ପୂର୍ବରୁ ଏୟାରପୋର୍ଟ ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀ ପହଁଚି ବିମାନ ଭିତରୁ କଂଗ୍ରେସ ନେତା ପବନ ଖେଡାଙ୍କୁ ଉଠାଇ ନେଇଥିଲେ । ପବନ ଖେଡାଙ୍କୁ ଏଭଳି ଗରଫ କରାଯିବା ଘଟଣାକୁ ନେଇ ଉତ୍ୟକ୍ତ କଂଗ୍ରେସ କର୍ମୀ ବିମାନରୁ ଓହ୍ଲାଇ ଦେଇଥିଲେ ଧାରଣା । କଂଗ୍ରେସ ନେତାଙ୍କୁ ଏଭଳି ନାଟକୀୟ ଭାବେ ପୋଲିସ ଗିରଫ କରିବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ବୁଧବାର ପବନ ଖେରାଙ୍କ ବିରୋଧରେ ଆସାମ, ଉତରପ୍ରଦେଶର ଲକ୍ଷ୍ନୌ ଓ ବାରାଣାସୀରେ ହୋଇଥିଲା ମାମଲା । ଯାହାକୁ ନେଇ ଆଜି ଦିଲ୍ଲୀରେ ଏଭଳି ଭାବେ ଖେଡାଙ୍କୁ ଗିରଫ କରିଥିଲା ପୋଲିସ । ତେବେ ପବନ ଖେଡାଙ୍କ ଗିରଫଦାରୀ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆଇନଜୀବୀ ଅଭିଷେକ ମନୁ ସଂଘବୀ । ମାମଲାର ଶୁଣାଣୀ କରି ଖେଡାଙ୍କୁ ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ । ଗତ ୨୦ ଫେବୃଆରୀ ସୋମବାର ଦିନ, କଂଗ୍ରେସର ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନେଇ ଏକ ବିବାଦୀୟ ଟିପ୍ପଣୀ ଦେଇଥିଲେ ପବନ ଖେଡା । ପ୍ରଧାନମନ୍ତ୍ରୀଙ୍କ ନାଁକୁ ଗୌତମ ଆଦାନୀଙ୍କ ନାଁ ସହ ଯୋଡି କହିଥିଲେ କଂଗ୍ରେସ ନେତା ପବନ ଖେଡା । ଯାହାକୁ ନେଇ ତାଙ୍କ ନାଁରେ ବିଭିନ୍ନ ସ୍ଥାନରେ ମାମଲା ଦାୟର ହୋଇଛି । ଛତିଗଶଡ ରାୟପୁରରେ ହେବାକୁ ଥିବା କଂଗ୍ରେସର ଅଧିବେଶନ ପୂର୍ବରୁ କଂଗ୍ରେସ ନେତାଙ୍କୁ ଗିରଫ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ବିଜେପି ସରକାର ଏକଛାତ୍ରବାଦ ଶାସନ ଚଳାଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି ।

# ଆସିଲା ଅର୍ଥନୈତିକ ସର୍ଭେ ରିପୋର୍ଟ : ଚଳିତ ଆର୍ଥିକବର୍ଷରେ ଓଡ଼ିଶାର ଅଭିବୃଦ୍ଧି ହାର ୭.୮%



ଭୁବନେଶ୍ୱର,୨୩/୦୨ (ନି.ପ୍ର): ରାଜ୍ୟ ବଜେଟ ଉପସ୍ଥାପିତ ହେବା ପୂର୍ବରୁ ଆସିଲା ଅର୍ଥନୈତିକ ସର୍ଭେ ରିପୋର୍ଟ । ୨୦୨୨-୨୩ ବର୍ଷ ପାଇଁ ପ୍ରକାଶ ପାଇଲା ଅଥର୍ନୈତିକ ସର୍ଭେ ରିପୋର୍ଟ । ତେବେ ୨୦୨୨-୨୩ ଆର୍ଥିକବର୍ଷରେ ରାଜ୍ୟର ଅଭିବୃଦ୍ଧି ହାର ୭.୮% ରହିବ ବୋଲି ଆକଳନ କରାଯାଇଛି । ଯାହା ଜାତୀୟ ଅଭିବୃଦ୍ଧି ଠାରୁ ମଧ ଅଧିକ । ୨୦୨୩-୨୪ ରେ ଅଭିବୃଦ୍ଧି ହାର ୮ ରୁ ୮.୫% ରହିବ ବୋଲି ଆକଳନ କରାଯାଇଛି । ମହିଳାଙ୍କ ଆତ୍ମନିଯୁକ୍ତି ହାର ଜାତୀୟ ହାରଠୁ ଅଧିକ। ସେହିଭଳି ଏବେ ରାଜ୍ୟରେ ମୁଣ୍ଡପିଛା ଆୟ ୧ ଲକ୍ଷ ୫୦ ହଜାର ୬୭୬ ଟଙ୍କା ରହିଛି । ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ମୁଣ୍ଡପିଛା ଆୟ ୧୦.୯% ବଢିଛି । ଗତ ୨ ଦଶନ୍ଧି ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ଉତ୍ସାହଜନକ ରହିଛି । କରୋନା ଭିତରେ ମଧ ରାଜ୍ୟ ଅର୍ଥନୀତି ଉପରେ ସେଭଳି ପ୍ରଭାବ ପଡିନାହିଁ । ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଥିବା ସତ୍ତ୍ୱେ ମଧ ରାଜସ୍ୱ ସଂଗ୍ରହରେ ରେକର୍ଡ କରିଛି ଓଡ଼ିଶା । ଭି ିଭୂମି ବିକାଶ ଓ କୃଷି କ୍ଷେତ୍ରକୁ ଅଧିକ ଫୋକସ ଦିଆଯାଇଛି ।

# ଛତିଶଗଡ଼ର ନବମ ରାଜ୍ୟପାଳ ଭାବେ ଶପଥ ନେଲେ ବିଶ୍ୱଭୂଷଣ ହରିଚନ୍ଦନ



ରାୟପୁର/ଭୁବନେଶ୍ୱର,୨୩/୦୨ (ନି.ପ୍ର): ଛତିଶଗଡ଼ର ନୂଆ ରାଜ୍ୟପାଳ ଭାବେ ବିଶ୍ୱଭୂଷଣ ହରିଚନ୍ଦନ ଗୁରୁବାର ଶପଥ ଗ୍ରହଣ କରିଛନ୍ତି । ରାୟପୁରସ୍ଥିତ ରାଜଭବନର ଦରବାର ହଲଠାରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଛତିଶଗଡ଼ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଅରୂପ କୁମାର ଗୋସ୍ୱାମୀ ଶ୍ରୀ ହରିଚନ୍ଦନଙ୍କୁ ରାଜ୍ୟର ନବମ ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତା ର ଶପଥ ପାଠ କରାଇଥିଲେ। ଏହା ପୂର୍ବରୁ ଶ୍ରୀ ହରଚନ୍ଦନ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଥିଲେ। ଆଜିର ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ତାଙ୍କ ମନ୍ତ୍ରୀମଣ୍ଡଳର ବରିଷ୍ଠ ସଦସ୍ୟ ଯଥା ଟି ଏସ ସିଂହଦେଓ, ଜୟସିଂହ ଅଗ୍ରୱାଲ, ଅନୀଲା ଭେଡ଼ିଆ, ଅମରଜିତ୍ ଭଗତ, ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ସୁପ୍ରଭା ହରିଚନ୍ଦନ, ପୁତ୍ର ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ଃ ରମଣ ସିଂହ, ଛତିଶଗଡ଼ ବିଧାନସଭାର ବାଚସ୍ପତି ଚରଣ ଦାସ ମହାନ୍ତ, ବିରୋଧୀ ଦଳର ନେତା ନାରାୟଣ ଚନ୍ଦେଲ, ଛତିଶଗଡ ମାନବିକ ଅଧିକାର କମିଶନର ଅଧକ୍ଷ ଗିରିଧାରୀ ନାୟକ, ବରିଷ୍ଠ ପ୍ରଶାସକ ମନ୍ମଥ କୁମାର ରାଉତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବ୍ରତ ସାହୁ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଅମ୍ରିତ ଖାଲକୋ, ସହକାରୀ ବି ସି ବେହେରା ଓ ସୁଶିଲ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କର ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥି ମାନଙ୍କ ମଧ୍ୟରେ ସାଂସଦ ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ବିଜେପି ନେତା କନକ ବର୍ଦ୍ଧନ ସିଂହଦେଓ, ଭୃଗୁ ବକ୍ସିପାତ୍ର, ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ, ୱାଓସୋର ଛତିଶଗଡ଼ ରାଜ୍ୟ ଶାଖାର ସଭାପତି ପୂର୍ଣ୍ଣଶ୍ରୀ ରାଉତ, ବରିଷ୍ଠ ସାମ୍ବାଦିକ ସୁବାସ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

## ଡଚ୍ ବୈଜ୍ଞାନିକ ହୁଗରବର୍ଗଙ୍କ ପୂର୍ବାନୁମାନ : ୨୪ ଘଂଟାରେ ୫ଟି ଦେଶରେ ଭୂମିକମ୍ପ

ନୂଆଦିଲ୍ଲୀ,୨୩/୦୨ : ଗତ ୨୪ ଘ ।ରେ ୫ଟି ଦେଶରେ ଭୂମିକମ୍ପର ଝଟକା । ତୁର୍କୀ, ଭାରତ, ନେପାଳ, ଆଫଗାନିସ୍ତାନ ଏବଂ ତାଜାକିସ୍ତାନରେ ଭୂକମ୍ପ ଅନୁଭୂତ ହୋଇଛି । ଆଫଗାନିସ୍ତାନ ଏବଂ ତାଜାକିସ୍ତାନରେ ଗୁରୁବାର ସକାଳ ସମୟରେ ଭୂକମ୍ପ ହୋଇଛି । ତାଜାକିସ୍ତାନରେ ଭୂମିକମ୍ପର ତୀବ୍ରତା ୭ ଦଶମିକ ୨ ରହିଥିଲା । ସେହିପରି ଆଫଗାନିସ୍ତାନରେ ରିକ୍ଟର ସ୍କେଲରେ ତୀବ୍ରତା ୬ ଦଶମିକ ୯ ରହିଥିଲା। ତେବେ ଅନ୍ୟପଟେ ଭୂକମ୍ପର ପ୍ରଭାବ ଚୀନରେ ମଧ ଦେଖାଦେଇଛି । ଏହା ପୂର୍ବରୁ ବୁଧବାର ଭୂମିକମ୍ପର ପ୍ରଭାବ ଭାରତରେ ମଧ ଅନୁଭୂତ ହୋଇଛି । ଭୂମିକମ୍ପରେ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନାହିଁ । ତେବେ ଭୂକମ୍ପପରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ନିକଟରେ ତୁର୍କୀ ଓ ସିରିଆରେ ଭୂମିକମ୍ପରେ ୪୬ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ଭୂମିକମ୍ପ ସମସ୍ତଙ୍କୁ ଭୟଭୀତ କରାଇଛି ।


# ସ୍କ୍ରାପ ହେବ ୨୦ ଲକ୍ଷରୁ ଅଧିକ ପୁରୁଣା ଗାଡି

ଭୁବନେଶ୍ୱର,୨୩/୦୨ (ନି.ପ୍ର): ରାଜ୍ୟେର ୨୦ ଲକ୍ଷରୁ ଅଧିକ ଗାଡ଼ିର ନାହିଁ ଫିଟେନେସ୍ । ବିନା ଫିଟେନସେର ରହିଛି ୧୨ ହଜାରରୁ ଅଧିକ ବସ୍ ! ବିଧାନସଭାରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏନେଇ ଲିଖିତ ଉ ର ରଖିଛନ୍ତି । ଓଡ଼ିଶା ସ୍କ୍ରାପିଂ ପଲିସି-୨୦୨୨ ସମ୍ପର୍କରେ ବିଜେପି ବିଧାୟିକା କୁସୁମ ଟେଟେଙ୍କ ପ୍ରଶ୍ନର ଉ ର ଦେଇ ରାଜ୍ୟେର ରହିଥିବା ପୁରୁଣା ଗାଡ଼ିର ତାଲିକା ଦେଇଛନ୍ତି ପରିବହନ ମନ୍ତ୍ରୀ । ଏହି ତାଲିକା ଉପେର ନଜର ପକାନ୍ତୁ । ରାଜ୍ୟେର



ଅଛି ୧୨ ହଜାର ୩୫୯ ବସ୍, ଯାହା ୧୫ ବର୍ଷ କିମ୍ବା ତା'ଠାରୁ ଅଧିକ ପୁରୁଣା । ଯାହାର ଫିଟେନସ୍ ନାହିଁ । ମାତ୍ର ୮,୫୫୭ ବସର ଫିଟେନସ୍ ରହିଛି । ଏପରିକି ଶିକ୍ଷାନୁଷ୍ଠାନେର ବ୍ୟବହୃତ ▶▶ପୃଷ୍ଠା ୭

# ରାଜନୀତିକୁ ଓହ୍ଲାଇବେ ସୁରଙ୍କ ପୁଅ



ଭୁବନେଶ୍ୱର,୨୩/୦୨ (ନି.ପ୍ର): ଦୀର୍ଘ ଦିନ ହେବ ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ ରାଜନୀତି ଛାଡ଼ିବା ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବେଳେ ଆଜି ସେଥିରେ ମୋହର ମାରିଛନ୍ତି ଖୋଦ ସୁର ରାଉତରାୟ। ଗୁରୁବାର ଗଣମାଧ୍ୟମ ସାମ୍ନାରେ ସେ କହିଛନ୍ତି ଯେ ମୋତେ ୮୦ ଛୁଇଁଲାଣି, ତେଣୁ ୨୦୨୪ ନିର୍ବାଚନରେ ଆଉ ମୁଁ ଲଢ଼ି ପାରିବିନି। ଏଥର ମୋ' ସାନ ପୁଅ ମନ୍ମଥ ରାଉତରାୟ କଂଗ୍ରେସ ଟିକେଟରୁ ମଇଦାନକୁ ଓହ୍ଲାଇବ। ଏନେଇ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ କହିଛନ୍ତି, ମୁଁ ୫୫ ବର୍ଷ ହେଲାଣି କଂଗ୍ରେସରେ ଅଛି। ତେଣୁ ମୋ' ଜନ୍ମ କଂଗ୍ରେସରେ ଓ ମୃତ୍ୟୁ ବି ଏଇଠି। କଂଗ୍ରେସ ଛଡ଼ା କୁଆଡ଼େ ଯିବାର ପ୍ରଶ୍ନ ବି ନାହିଁ। କେବଳ ମୁଁ ନୁହେଁ, ମୋ ପିଲା ବି ସମ୍ପୂର୍ଣ୍ଣ ରୂପେ କଂଗ୍ରେସ ସମର୍ଥକ। ଆଉ ସାନ ପୁଅ ବି କଂଗ୍ରେସ ଟିକେଟରୁ ହିଁ ନିର୍ବାଚନ ଲଢ଼ିବ। ଗତକାଲି ସୁର ରାଉତରାୟ ନିଜ ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଭେଟିଥିଲେ। ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁର ରାଉତରାୟଙ୍କ ବଡ଼ ପୁଅ ବିଜେଡିରେ ଯୋଗ ଦେଉଥିବା ଚର୍ଚ୍ଚା ଜୋର ଧରିଥିଲା । ଗତକାଲି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସମ୍ପର୍କରେ ପଚାରିବାରୁ ସୁର ରାଉତରାୟ କହିଛନ୍ତି, ତାହା ସମ୍ପୂର୍ଣ୍ଣ ରୂପେ ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା, ସେଥିରେ କୌଣସି ରାଜନୀତିକରଣ ନାହିଁ।

## ଆଜି ଆସିବ ବଜେଟ୍

ଭୁବନେଶ୍ୱର,୨୩/୦୨ (ନି.ପ୍ର): ଆସନ୍ତା କାଲି ଶୁକ୍ରବାର ଦିନ ଆସି ରାଜ୍ୟ ବଜେଟ । ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ଶୁକ୍ରବାର ଦିନ ବିଧାନସଭାରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିବେ । ଏହା ନବୀନ ପଟ୍ଟନାୟକ ସରକାରଙ୍କ ପଂଚମ ପାଳିର ଶେଷ ପୂର୍ଣାଙ୍ଗ ବଜେଟ ହେବ । ଅର୍ଥ ମନ୍ତ୍ରୀ ଆଗତ କରିବାକୁ ଥିବା ଏହି ବଜେଟ ୨.୩ ଲକ୍ଷ କୋଟି ଟଙ୍କା ହେବାର ଅନୁମାନ କରା ଯାଉଛି । କିଛି ଦିନ ପୂର୍ବରୁ ରାଜ୍ୟ କ୍ୟାବିନେଟରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ବଜେଟକୁ ଅନୁମୋଦନ ଦିଆ ଯାଇଥିଲା । ବର୍ତ୍ତମାନ ପାଳିର ଏହା ଶେଷ ପୂର୍ଣାଙ୍ଗ ବଜେଟ ହୋଇଥିବାରୁ ଲୋକ ମାନଙ୍କ ମନରେ ଏହାକୁ ନେଇ ଅନେକ ଆଶା ରହିଛି । ଉଲ୍ଲେଖନୀୟ ଯେ ଗତ ବର୍ଷ ଜୁଲାଇ ମାସରେ ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ ଆଗତ କରିଥିଲେ ।

# ଅଧିକାରୀମାନେ ବିଧାୟକଙ୍କୁ ଦେଉ ନାହାନ୍ତି ସମ୍ମାନ : ନରସିଂହ ମିଶ୍ର



ଭୁବନେଶ୍ୱର,୨୩/୦୨ (ନି.ପ୍ର): ରାଜ୍ୟରେ ସରକାରୀ ଅଧିକାରୀ ମାନେ ନିର୍ବାଚିତ ବିଧାୟକ ମାନଙ୍କୁ ସମ୍ମାନ ନ ଦେଉଥିବାରୁ ଗଭୀର ଉଦବେଗ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ରାଜ୍ୟରେ ବୁକ ସର୍କୁଲାର ୪୭ ପାଳନ ନ ହେଉଥିବାରୁ ସେ ପୂର୍ବରୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଦନୁଯାୟୀ ସେ ମୁଖ୍ୟ ଶାସନ ସଚିବଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରିଥିଲେ । ହେଲେ ଏହାର ଫଳ ଶୂନ । ଏବେ ମଧ୍ୟ କୌଣସି ଅଧିକାରୀ ବୁକ ସର୍କୁଲାର ୪୭କୁ ପାଳନ କରା ଯାଉ ନାହିଁ । ସେ କହିଛନ୍ତି ଯେ ଏହି ସର୍କୁଲାର ଅନୁସାରେ ବିଧାୟକ କୌଣସି ଅଧିକାରୀଙ୍କୁ କୌଣସି ଅଂଚଳର ସମସ୍ୟ ନେଇ ି ପତ୍ର ଲେଖିଲେ ସଂପୃକ୍ତ ଅଧିକାରୀ ତାର ଉତର ଦେବେ । ସେହିଭଳି ଅଧିକାରୀ ମାନେ ବିଧାୟକ ମାନଙ୍କର ଟେଲିଫୋନର

# ତ୍ୟାଗ ଓ ସେବା ହିଁ ମଣିଷକୁ ମହାନ୍ କରେ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩/୦୨ (ନି.ପ୍ର): ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋର ହୋଇଛି କାୟାକଳ୍ପ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସୁଆଣ୍ଡୋରେ ପଣ୍ଡିତ ଗୋପବନ୍ଧୁଙ୍କ ରୂପାନ୍ତରିତ ଜନ୍ମପୀଠକୁ ଲୋକାର୍ପିତ କରିଛନ୍ତି । ଗୋପବନ୍ଧୁଙ୍କ ଏକ ୧୫ ଫୁଟ ଉଚ୍ଚ ପୂର୍ଣ୍ଣ ଅବୟେବ ପ୍ରତିମୂର୍ତୀ ଉନ୍ମୋଚନ କରିବା ସହିତ ବିକଶିତ ଶିବ ମନ୍ଦିର, ପୋଖରୀ, ମ୍ୟୁଜିୟମ ଓ ପୈତୃକ ବାସଗୃହର ଉଦ୍‌ଘାଟନ କରିଛନ୍ତି । ଏହାସହିତ ଜନ୍ମପୀଠକୁ ରାସ୍ତା, ପରିକ୍ରମା ରାସ୍ତା ଓ ଏକ ସୂଚନାକେନ୍ଦ୍ର ମଧ କରାଯାଇଛି। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗୋପବନ୍ଧୁ ଥିଲେ ଜଣେ ଯୁଗପୁରୁଷ। ଓଡିଆ ଜାତି ତାଙ୍କ ନିକଟରେ ସବୁବେଳେ ଋଣୀ । ତାଙ୍କ ସ୍ମୃତି ରକ୍ଷା ପାଇଁ ଯେତେ ଯାହା କଲେ ବି, କମ୍ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ଉପକ୍ରମରେ ଓଡିଶାର ବରପୁତ୍ର ମାନଙ୍କ ଜନ୍ମପୀଠର ବିକାଶ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ସହିଦ ଲକ୍ଷ୍ମଣ ନାୟକ ଏବଂ ଆହୁରି ଅନେକ ମହାପୁରୁଷଙ୍କ ତ୍ୟାଗ ଓ ସାଧନା ଓଡିଶାର ଗୌରବ ବଢାଇଛି ବୋଲି ସେ କହିଥିଲେ। ଗୋପବନ୍ଧୁଙ୍କ ସ୍ମୃତି ଚାରଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଉତ୍କଳମଣି ଥିଲେ ମାନବ ସମାଜର ମଣି। ତାଙ୍କ ତ୍ୟାଗ, ଦେଶଭକ୍ତି, ସେବା ଓ ଜାତିପ୍ରୀତିର ତୁଳନା ନାହିଁ। ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଓଡିଶାର ଶିକ୍ଷା, ସାହିତ୍ୟ ସଂସ୍କୃତି, ରାଜନୀତି, ସେବା ଓ ମାନବିକତାର ନୂଆ କିର୍ତ୍ତୀ ▶▶ପୃଷ୍ଠା ୭

# ପୂର୍ତ୍ତ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢାଉ



ବାଲେଶ୍ୱର, ୨୩/୦୨ (ନି.ପ୍ର): ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ-୨ର ସହକାରୀ ଯନ୍ତ୍ରୀ ଅଜୟ କୁମାର ସେନାପତିଙ୍କ ସରକାରୀ କ୍ୱାର୍ଟର୍ସ ସମେତ ୭ଟି ସ୍ଥାନରେ ଚଢ଼ଉ ଜାରି ରହିଛି। ପୁରୀ, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାରେ ଏକକାଳୀନ ଏହି ଚଢ଼ାଉ ଚାଲିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ୪ ଜଣ ଡିଏସପି, ୧୦ ଇନ୍ସପେକ୍ଟର, ୨ ସବ୍-ଇନ୍ସପେକ୍ଟରଙ୍କ ସମେତ ବହୁ କର୍ମଚାରୀ ଚଢ଼ଉରେ ସାମିଲ ହୋଇଛନ୍ତି। ପୁରୀ ହରଚଣ୍ଡୀ ସାହି ଦାମୋଦର ରୋଡ଼ ମଦନମୋହନ ଲେନସ୍ଥିତ ଶ୍ରୀ ସେନାପତିଙ୍କ ବର୍ତ୍ତମାନର ଘର, ବାଲେଶ୍ୱରର ସରକାରୀ କ୍ୱାର୍ଟର୍ସ, ଅନନ୍ ପାମ୍ ବିଚର ଦ୍ୱିତୀୟ ମହଲାରେ ଥିବା ୨୦୬୩ ନମ୍ବର ଫ୍ଲାଟ୍, ବାଲେଶ୍ୱରରେ ପୂର୍ତ୍ତ ବିଭାଗ(ଆର ଆଣ୍ଡ ବି) ଡିଭିଜନ୍-୨ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବାଲେଶ୍ୱରରେ ଥିବା ଶ୍ରୀ ସେନାପତିଙ୍କ ଅଫିସ୍ ରୁମ୍, ଖୋର୍ଦ୍ଧାର ବାଲୁଗାଁରେ ଦୁଇ ମହଲା କୋଠା, ବାଣପୁରର ଭାଗବତ ସାହିରେ ଥିବା ପୈତୃକ ଘର ଓ ଟାଙ୍ଗୀରେ ଥିବା ଶ୍ରୀ ସେନାପତିଙ୍କ ସମ୍ପର୍କୀୟଙ୍କ ଘରେ ଏହି ଚଢ଼ାଉ କରାଯାଇଛି । ଚଢ଼ଉ ବେଳେ ସହକାରୀ ଯନ୍ତ୍ରୀ ଅଜୟ କୁମାର ସେନାପତିଙ୍କ ଘରୁ ନଗଦ ୧ଲକ୍ଷ ୨୨ ହଜାର ୫୦୦ ଟଙ୍କା ଜବତ କରାଯାଇଥିବା ବେଳେ ଚାରି ଚକିଆ, ୨ଚକିଆ ଯାନ ସମେତ ଲକ୍ଷ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଏକାଧିକ କୋଠାଘର ଓ ଜମିପଟ୍ଟା, ଇନସୁରାନ୍ସ ପଲିସି କାଗଜପତ୍ର ଆଦି ଠାବ କରାଯାଇଛି। ଚଢ଼ଉ ଜାରି ରହିଥିବା ବେଳେ ଆକଳନ ସମ୍ପତ୍ତି ୩ କୋଟି ଟଙ୍କା ଟପିବ ବୋଲି ଅନୁମାନ କରାଯାଉଛି।

# ଦିବ୍ୟାଙ୍ଗଙ୍କ ପାଇଁ ବିଶ୍ୱବିଦ୍ୟାଳୟରେ ନାହିଁ ବ୍ୟାଟେରି ଚାଳିତ ଯାନ



ଭୁବନେଶ୍ୱର , ୨୩/୦୨ (ନି.ପ୍ର): କ୍ୟାମ୍ପସରେ ୧୨୭ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ। ମାତ୍ର ସେମାନଙ୍କ ଲାଗି ଏପର୍ଯ୍ୟନ୍ତ କୌଣସି ବ୍ୟାଟେରି ଚାଳିତ ଯାନ ପ୍ରଚଳନ କରାଯାଇ ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟରେ ୭୮ ଦିବ୍ୟାଙ୍ଗଙ୍କ ଲାଗି ମଧ କୌଣସି ସୁବିଧା କରାଯାଇ ନାହିଁ। ସେପଟେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୬ଜଣ ଦିବ୍ୟାଙ୍ଗ ପିଲା ଥିବା ବେଳେ ୪ଟି ବ୍ୟାଟେରି ଚାଳିତ ଯାନ ଉପଲବ୍ଧ ଅଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୩୨ ପିଲାଙ୍କ ଲାଗି ୨ଟି ହୁଇଲ୍ ଚେୟାର ବ୍ୟବସ୍ଥା ହୋଇଛି। ମାତ୍ର ଇ-ଭେଇକିଲ୍‌ର ସୁବିଧା ନାହିଁ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୭ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ୟୁକୋ ବ୍ୟାଙ୍କ କ୍ୟାମ୍ପସ ଓ ହିଣ୍ଡାଲକୋକୁ ସାହାଯ୍ୟ ପାଇଁ ଅନୁରୋଧ କରାଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୭ଜଣ ପିଲାଙ୍କ ସୁବିଧା ଲାଗି ଟ୍ରାଇ-ସାଇକେଲ୍, ରାମ୍ପ ବ୍ୟବସ୍ଥା, ଦିବ୍ୟାଙ୍ଗଙ୍କ ଉପଯୋଗୀ ଶୌଚାଳୟ, ଲାଇବ୍ରେରିରେ ବ୍ରେଲି ଲିପିର ବ୍ୟବସ୍ଥା ହୋଇଛି। ମାତ୍ର ବ୍ୟାଟେରି ଚାଳିତ ଯାନ ପ୍ରଚଳନ କରାଯାଇ ନ ଥିବା ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଛନ୍ତି।

# ଝୋଟ ବସ୍ତାରେ ଚାଉଳ, ଗହମ ଏବଂ ଚିନିର ପ୍ୟାକେଜିଂ ବାଧ୍ୟତାମୂଳକ



ଭୁବନେଶ୍ୱର , ୨୩/୦୨ (ନି.ପ୍ର): ଝୋଟ ବସ୍ତାରେ ଚାଉଳ, ଗହମ ଏବଂ ଚିନିର ପ୍ୟାକେଜିଂ ବାଧ୍ୟତାମୂଳକ କରାଯାଇଛି। ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ କମିଟି ବୈଠକରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି। ଝୋଟ ବସ୍ତାରେ ଚିନିର ପ୍ୟାକେଜିଂ ପାଇଁ ୨୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏଥିଯୋଗୁଁ ସର୍ବାଧିକ ଝୋଟ ଉତ୍ପାଦନକାରୀ ପଶ୍ଚିମବଙ୍ଗ ସମେତ ଓଡ଼ିଶା, ବିହାର, ଆସାମ, ତ୍ରିପୁରା, ମେଘାଳୟ, ଆନ୍ଧ୍ରପ୍ରଦେଶର ଚାଷୀ, ଶ୍ରମିକ ଏବଂ ଝୋଟକଳ ମାଲିକମାନେ ଉପକୃତ ହେବେ। ଦେଶରେ ହାରାହାରି ୯ ଲକ୍ଷ ମେଟ୍ରିକ ଟନର ଝୋଟ ବସ୍ତା ଉତ୍ପାଦିତ ହୁଏ। ଏହି ଉଦ୍ୟୋଗ ଭାରତର ରାଷ୍ଟ୍ରୀୟ ଅର୍ଥବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ। ବିଶେଷକରି ପଶ୍ଚିମବଙ୍ଗରେ ୭୫ଟି ଝୋଟ କଳ ରହିଛି। ଝୋଟ ବସ୍ତାରେ ବାଧ୍ୟତାମୂଳକ ପ୍ୟାକେଜିଂ କାର୍ଯ୍ୟରତ ୩.୭୦ ଲକ୍ଷ ଶ୍ରମିକଙ୍କ ସହିତ ୪୦ ଲକ୍ଷ ଚାଷୀ ପରିବାରକୁ ସହାୟତା କରିବ। ଜେପିଏମ ଆଇନ, ୧୯୮୭ ଝୋଟ ଚାଷୀ, ଶ୍ରମିକ ଏବଂ ଝୋଟ ଉତ୍ପାଦନ ଲାଗିଥିବା ଲୋକମାନଙ୍କ ସ୍ୱାର୍ଥ ରକ୍ଷା କରିଥାଏ। ଝୋଟ ଉଦ୍ୟୋଗର ସମୁଦାୟ ଉତ୍ପାଦନର ୭୫ ପ୍ରତିଶତ ଝୋଟ ବସ୍ତା ହୁଏ। ଭାରତୀୟ ଖାଦ୍ୟ ନିଗମ ଏବଂ ରାଜ୍ୟ କ୍ରୟ ଏଜେନ୍ସିକୁ ୮୫ ପ୍ରତିଶତ ଯୋଗାଣ ହୋଇଥାଏ। ଅବଶିଷ୍ଟକୁ ସିଧାସଳଖ ରପ୍ତାନି କରାଯାଏ କିମ୍ବା ବିକ୍ରି କରାଯାଏ। ସରକାର ପ୍ରତ୍ୟେକ ବର୍ଷ ଖାଦ୍ୟଶସ୍ୟ ପ୍ୟାକେଜିଂ ନିମନ୍ତେ ପ୍ରାୟ ୯ ହଜାର କୋଟି ଟଙ୍କାର ଝୋଟ ବସ୍ତା କିଣିଥାଆନ୍ତି। ଏହା ଦ୍ୱାରା ଝୋଟ ଚାଷୀ, ଶ୍ରମିକ ଉତ୍ପାଦ ବିକ୍ରି ପାଇଁ ଗ୍ୟାରେଣ୍ଟିଯୁକ୍ତ ବଜାର ସୁବିଧା ସୁନିଶ୍ଚିତ ହୋଇଥାଏ। ଝୋଟ ଏକ ପ୍ରାକୃତି, ଜୈବ-କ୍ଷୟଯୋଗ୍ୟ, ନବୀକରଣ ଯୋଗ୍ୟ ଏବଂ ପୁନଃ ବ୍ୟବହାର ଯୋଗ୍ୟ ଫାଇବର ହୋଇଥିବାରୁ ଦୀର୍ଘସ୍ଥାୟିତ୍ୱର ମାନଦଣ୍ଡକୁ ମଧ ପୂରଣ କରିଥାଏ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୨୩/୦୨ (ନି.ପ୍ର): ସଇଁନ୍ତଲା ସ୍ଥିତ ନୋଡାଲ ହାଇସ୍କୁଲ ସଇଁନ୍ତଲା ଘଠାରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଜୁନିୟର ରେଡକ୍ରସ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ସୁବାଷ ଚନ୍ଦ୍ର ପଟେଲ ସଂଯୋଜନା କରିଥିଲେ । ବୈଠକରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ବିଜୟାନନ୍ଦ ହାଇସ୍କୁଲ ବେଲଗାଁ ଠାରେ ହେବାକୁ ଯାଉଛି। ଏହି ଅବସରରେ ସମସ୍ତଙ୍କୁ ବିଭାଗ ବଂଟନ କରାଯାଇଥିଲା। ସମସ୍ତେ ମିଳିମିଶି ତାଲିମ ଶିବିରର କାର୍ଯ୍ୟ ତୁଲାଇବା ପାଇଁ ସହମତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଇଁନ୍ତଲା ବ୍ଲକର ବିଜୟାନନ୍ଦ ହାଇସ୍କୁଲର ବେଲଗାଁର ପ୍ରଧାନଶିକ୍ଷକ ନାରାୟଣ ମିଶ୍ର, ଏସଏସ୍‌ଡି ସଇଁନ୍ତଲାର ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ହୋତା, ଡେଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ର, ଧରବଗଡ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର କ୍ଷେତି, କେରମେଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର, କୁମ୍ଭାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱିତୀରଂଜନ ମହାଲିଂଗ, କରମତଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ପ୍ରଧାନ, ସିସକେଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା, କଂସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଘନଶ୍ୟାମ ଦଣ୍ଡସେନା, ବୁଢାବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ବରୁଣ ସାହୁ, ନରାବାହାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଗିତାଞ୍ଜଳୀ ନାଏକ, ରେଙ୍ଗାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଳମଣୀ ଯୋଶୀ, ଆମପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ବାଘ, ଭତ୍ରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ଭୋଇ, ଘୁନସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁ, ବଡମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଧେଶ୍ୟାମ ବାରିକ, ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବିନାୟକ କୁମ୍ଭାର, କାଉନସ୍ଲେର ରଂଜିତା ମିଶ୍ର, ଅଶୋକ ପଧାନ, ନରୋତମ ବାରିକ, ସଂଜୟ ପଧାନ, ପୁରୁଷୋତମ ସାହୁ, ଶେଷଦେବ ବାରିକ, ରାଧେଶ୍ୟାମ ବାରିକ, ସୁନିଲ ମହାପାତ୍ର, ଗଗନ କୁମାର ବେହେରା ତଥା ଅନ୍ୟ କାଉନସ୍ଲେରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଇଁନ୍ତଲା ବ୍ଲକ ଜୁନିୟର ରେଡକ୍ରସ ସଂଯୋଜକ ହେମନ୍ତ ବେମାଲ ପରିଚାଳନା କରିଥିବା ବେଳେ ଜିଲ୍ଲା ଜୁନିୟର ରେଡକ୍ରସର କାର୍ଯ୍ୟକାରିଣୀ କମିଟୀର ସଦସ୍ୟ ରାମ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦକ୍ଷତା ବିକାଶ ଓ ନିଯୁକ୍ତି ପରାମର୍ଶ ମେଳା

ଜୟପୁର, ୨୩/୦୨ (ନି.ପ୍ର): ଦକ୍ଷତା ବିକାଶ ଓ ନିଯୁକ୍ତି ପରାମର୍ଶ ମେଳା, ଦିବ୍ୟାଙ୍ଗଜନଙ୍କ ପାଇଁ କୋରାପୁଟର ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ସେମାନେ କିଭଳି ଭବିଷ୍ୟତରେ ସ୍ୱାବଲମ୍ବ ହୋଇପାରିବେ ସେଥି ସକାଶେ ପରାମର୍ଶ ପ୍ରଦାନ କରାଯାଇ ଯୋଗ୍ୟତା ଅନୁସାରେ ତାଲିକା ପ୍ରସ୍ତୁତ କରାଯାଇଥିଲା । ପରବର୍ତି ସମୟରେ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନରେ ତାଲିମ ପ୍ରଦାନ ସକାଶେ ପ୍ରେରଣ କରିବାକୁ ନିଷ୍ପତି ନିଆଯାଇଥିଲା । ଏହି ମେଳାରେ କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌର ପରିଷଦରୁ ସମୁଦାୟ ୨୭୯ ଦିବ୍ୟାଙ୍ଗ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ ଯୋଗଦାନ କରି ଦିବ୍ୟାଙ୍ଗଜନଙ୍କୁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ତାଲିମରେ ଭାଗ ନେବା ପାଇଁ ପରାମର୍ଶ ଦେଇଥିଲେ ।

# ମାଲକାନଗିରି ମହାବିଦ୍ୟାଳୟର ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାଲକାନଗିରି , ୨୩/୦୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳନ ହୋଇଯାଇଛି ! ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇଥିଲେ !ସ୍ୱତନ୍ତ୍ର ଅତିଥି ରୂପେ ସାଂସଦ ରମେଶ ଚନ୍ଦ୍ର ମାଝି , ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝି, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ ଉପସ୍ଥିତ ଥିଲେ !ଏତତ୍ ବ୍ୟତୀତସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ଡଃ. ଉଦୟନାଥ ଖରା, ମନୋଜ କୁମାର ବାରିକ ଅଧକ୍ଷ ମାଲକାନଗିରି ପୌରପାଳିକା ମଂଚାସିନ ଥିଲେ ! ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ କ୍ଷ ଏହାପରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଛାତ୍ର ଛାତ୍ରୀ ନିମନ୍ତେ ଉଦବୋଧନ ଦେଇ ମହାବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ ପାଇଁ ଏକକୋଟି ପଚାସ ଲକ୍ଷ ଟଙ୍କାର ଅନୁଦାନର ପ୍ରତିଶ୍ରୁତିକୁ ଘୋଷଣା କରିଥିଲେ ! ସମ୍ମାନିତ ଅତିଥି ବୃନ୍ଦ ଛାତ୍ର ଛାତ୍ରୀଙ୍କ ବିକାଶ ଓ ଶିକ୍ଷା ପାଇଁ ନିଜର ମତାମତ ପ୍ରକାଶ କରିଥିଲେ ! ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ପାଂଚ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ କ୍ଷ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡଃ. ଉଦୟ କୁମାର ଖରା ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ବିକାଶରେ ପ୍ରତିଜ୍ଞା ବୋଧ ବୋଲି କହିଥିଲେ ! ଜିଲ୍ଲା ପରିଷଦ ଉପଧକ୍ଷ ପତିତ ପାବନ ବୈଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଶୈକ୍ଷିକ ବାତାବରଣ ମଧ୍ୟରେ ଲକ୍ଷ୍ୟ ପୂରଣ ନିମନ୍ତେ ଉପଦେଶ ଦେଇଥିଲେ । ମାଲକାନଗିରି ଜିଲ୍ଲାର ପୂର୍ବତନ ବିଧାୟକ ମାନସ ମାଡ଼କାମି ଯୋଗଦେଇ ମହାବିଦ୍ୟାଳୟର ସରକାରୀ କରଣ ଦାବି କୁ ଉପସ୍ଥାପନ କରିଥିଲେ କ୍ଷମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝି ଯୋଗ ଦେଇ ଆଧାର ସଂରଚନାର ବିକାଶରେ ମାଲକାନଗିରି କଲେଜ୍ କୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସ୍ଥାନୀୟ ସର୍କିଟ ହାଉସରୁ କଲେଜ୍ ପର୍ଯ୍ୟନ୍ତ କୋୟା ନାଚ ସହ ପିଲାମାନେ ମନ୍ତ୍ରୀ ଏବଂ ଅତିଥିଙ୍କୁ ପାଛୋଟି ଆଣିଥିଲେ କ୍ଷ ଇତିହାସ ଅଧକ୍ଷ ଡଃ. ଗୋକୁଳାନନ୍ଦ ପାତ୍ର ଉଦ୍ଘୋଷକ ଭାବେ କାର୍ଯ୍ୟରତ ଥିଲେ । ଛାତ୍ର ମାନଙ୍କ ତରଫରୁ ପବନ୍ ସିଂ , ସାନା ସୁଧୀର , ହରି ଇସ୍ ଲାବତ , ସେହିତା ବୈଦ ସହଯୋଗ କରିଥିଲେ ଏବଂ ପୁରସ୍କାର ବିତରଣରେ ସହାୟକ ଭାବେ କାର୍ଯ୍ୟ କରିଥିଲେ କ୍ଷ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା କ୍ଷ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ପାଳନ ଅବସରରେ ମେଳା ଆୟୋଜନ ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୨୩/୦୨ (ନି.ପ୍ର): ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ - ୨୦୨୩ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ୫ରୁ ୯ମାର୍ଚ୍ଚ ପାଂଚଦିନ ବ୍ୟାପୀ ଉଦ୍ୟୋଗୀ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ମନମୋହନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ମେଳାର ଆୟୋଜନ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାର ବୃହତ ଶିଳ୍ପାନୁଷ୍ଠାନ, କର୍ପୋରେଟ ହାଉସ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ଓରମାସ, ବ୍ୟାଙ୍କ, ଶିଳ୍ପ ତାଲିମ କେନ୍ଦ୍ର, ପଲିଟେକନିକ ସମେତ ପୁଲିସ, ଅଗ୍ନିଶମ ଓ ବିଦ୍ୟୁତ ବିଭାଗର ମୋଟ ଏକ ଶହ ଷ୍ଟଲ ଆୟୋଜନ କରାଯିବ। ବିଭିନ୍ନ ବିଭାଗ ଓ ଶିଳ୍ପାନୁଷ୍ଠାନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଦର୍ଶନ ସହ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ମଧ କରାଯିବ। କାର୍ଯ୍ୟକ୍ରମ ଆୟୋଜନ ସ୍ଥଳ ପରିଷ୍କାର ପରିଚ୍ଛନ୍ନ , ବିଦ୍ୟୁତ ଯୋଗାଣ , ଅତିଥି , ମହିଳା ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କର ରହଣି, ସୁରକ୍ଷା କର୍ମୀ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା, ଅଗ୍ନିଶମ ସେବା କର୍ମଚାରୀ ମୁତୟନ, ପ୍ରାଥମିକ ଚିକିତ୍ସା, ପାନୀୟ ଜଳ ବ୍ୟବସ୍ଥା, ସିସି ଟିଭି କ୍ୟାମେରା, ସେଲ୍ଫି ପଏଂଟ ଓ ହୋର୍ଡିଙ୍ଗ ସ୍ଥାପନ, ପ୍ରଚାର ପ୍ରସାର ଓ ସାମ୍ବାଦିକ ସମ୍ମିଳନୀ ସମ୍ପର୍କରେ ବୈଠକରେ ଆଲୋଚନା କରାଯିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ାରେ ଆଲୁମିନିଅମ ପାର୍କ ଓ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠା ନେଇ ଆଲୋଚନା ଚକ୍ରର ଆୟୋଜନ ସହ ଖଣି, ଜଳ, ବିଜୁଳି, ରେଳ ଓ ଆକାଶ ପଥରେ ଯୋଗାଯୋଗ ସମ୍ପର୍କିତ ଆଲୋଚନା ଚକ୍ର ଆୟୋଜନ ପାଇଁ ବୈଠକରେ ସ୍ଥିର କରାଯାଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ କୃଷ୍ଣଚନ୍ଦ୍ର ନାୟକ ମେଳା ଆୟୋଜନ ନେଇ ସୂଚନା ପ୍ରଦାନ କରିଥିଲେ।

# ଯନ୍ତ୍ରପାତି ପ୍ରଦର୍ଶନୀରେ କୃଷି ପାଠଶାଳା କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ୨୩/୦୨ (ନି.ପ୍ର): ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ମେଳାରେ କୃଷି ପାଟଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମେଳାର ତୃତୀୟ ଦିନ ଦିବସରେ ଏକ କୃଷି ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମରେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପ ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ ଅତିଥି ପରିଚୟ ପ୍ରଦାନ କରିବା ସହିତ କୃଷି ପାଠଶାଳା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । କୃଷି ପାଠଶାଳା ରେ ବ୍ଲକ ସ୍ତରୀୟ କୃଷି ଅଧିକାରୀ, ଯାଜପୁର ଓ କୃଷି ଲେଖକ ଡ଼ଃ ପରେଶ କୁମାର ପଣ୍ଡା, କୃଷିରେ ନୂତନ ଆହ୍ୱାନ ଏବଂ ଜଳବାୟୁ ଉପଯୋଗୀ, କୃଷି ଉଦ୍ୟୋଗ ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନ ରେ ଉପ ପ୍ରକଳ୍ପ ନିର୍ଦ୍ଦେଶକ ଯାଜପୁର ଶ୍ରୀ ହେମନ୍ତ କୁମାର ସାମଲ, ମୃର୍ତ୍ତିକା ପରୀକ୍ଷା ଆଧାରିତ ପୋଷକ ପରିଚାଳନା ସଂପର୍କିତ ଅତ୍ୟାଧୁନିକ ତଥ୍ୟ ପ୍ରଦାନ କରିଥିଲେ । ଆତ୍ମାର ଅଧ୍ୟକ୍ଷ ଅଶୋକ କୁମାର ବରାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୫୦ରୁ ଉର୍ଦ୍ଧ୍ୱ କୃଷକଭାଇ ଓ ଭଉଣୀ ମାନେ ଯୋଗ ଦେଇଥିଲେ।

# ଫୁଲବାଣୀର ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନା କଲା ସଂଗଠନ

କନ୍ଧମାଳ , ୨୩/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀର ବ୍ଲକର ମହିଳା ଜୀବିକା ସୁରକ୍ଷା ମଂଚ ଲୋକ ସଂଗଠନ ଦ୍ୱାରା ଆଜି ଫୁଲବାଣୀ ବ୍ଲକର ଥିବା ୧୧ ଗୋଟି ଗ୍ରାମ ପଂଚାୟତ ର ୧୨୪ଟି ଗ୍ରାମର ଦୁଇ ମାସ ଧରି, ସ୍ୱଚ୍ଛ ଗ୍ରାମ ଅଭିଯାନ ନିମନ୍ତେ ଏକ ସର୍ଭେ କରାଯାଇଛି, ଉକ୍ତ ସର୍ଭେ ରିପୋର୍ଟ ରେ ଗ୍ରାମାଂଚଳରେ ଥିବା ବିଭିନ୍ନ ସମସ୍ୟା ଯଥା, ସିସି ଡ୍ରେନ, କଂକ୍ରିଟ ରାସ୍ତା, ପିଇବା ପାଣି, ଖଲା କୂପ, ନଳକୂଅ, ଅଙ୍ଗନବାଡି କେନ୍ଦ୍ର ଏବଂ ବ୍ୟକ୍ତିଗତ ଶୌଚାଳୟ ଉପରେ ଏକ ତଥ୍ୟ ସଂଗ୍ରହ କରି ଆଜି ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣ୍ଡୁଆଙ୍କୁ ଉକ୍ତ ସମସ୍ୟା ଉପରେ ପ୍ରାଧାନ୍ୟ ଦେବାପାଇଁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି।
ସ୍ୱାଧୀନତା ତା ର ୭୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସାଧାରଣ ଗାଁ ଗହଳି ରେ ବାସ କରୁଥିବା ଲୋକମାନେ ନିଜର ମୌଳିକ ସୁବିଧା ପାଇବାରେ ବଂଚିତ ଅଛନ୍ତି। ବିଶେଷ କରି ଆଗାମୀ ଗ୍ରୀଷ୍ମ ଋତୁକୁ ଦେଖି ଗ୍ରାମାଂଚଳ ଥିବା ଜଳ କଷ୍ଟ କୁ ସୁଧାରିବାକୁ, ପ୍ରତି ଗ୍ରାମର ଥିବା ଜଳ ର ଉତ୍ସ ଯଥା ଅଚଳ ନଳକୂପ, ଖୋଲା କୁଅଁ, ଷ୍ଟାଣ୍ଡ ପୋଷ୍ଟ, ଆଦି ଗୁଡିକ ତୁରନ୍ତ ମରାମତି କରିବା ସହିତ ଆବଶ୍ୟକ ଗ୍ରାମ ରେ ତୁରନ୍ତ ନୂତନ ନଳକୂଅ ଏବଂ ସୋଲାର ନଳକୂପ ନିର୍ମାଣ କରି ପ୍ରତି ଗ୍ରାମକୁ ଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ମହିଳା ଜୀବିକା ସୁରକ୍ଷା ଲୋକ ସଂଗଠନ ଫୁଲବାଣୀ ପକ୍ଷରୁ ଦୃଢ ଦାବୀ କରିଛି।
ଏହା ସହିତ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ମଧ୍ୟ ଆବଶ୍ୟକ ଭିତିଭୂମି ନଥିବାରୁ ଛୋଟ ଛୋଟ ପିଲାମାନେ ନାହିଁ ନଥିବା ସମସ୍ୟାର ଶୀକାର ହେଉଥିବାର ଫୁଲବାଣୀ ବ୍ଲକରେ ଦେଖିବାକୁ ମିଳିଛି।
ଆଜିର ଏହି ଦାବିପତ୍ର ଦେବା କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକର ୧୧ ଗୋଟି ଗ୍ରାମ ପଂଚାୟତର ମାଆମାନେ ଏବଂ ସଂଗଠନର ବ୍ଲକ ସଂଯୋଜୀକା ଏବଂ ଜିଲ୍ଲା କାର୍ଯ୍ୟ କାରିଣୀ କମିଟିର କର୍ମୀ କତା ମାନିନି ବେହେରା ବେହେରା, ସିଦ୍ଧେଶ୍ୱର ଭାଇ ବ୍ଲକ ସମ୍ପାଦକ ସୁମତି ମୁଖି ଜନସାଥି ମାନିନି ବେହେରା ସମେତ ବ୍ଲକର ଅନେକ ମାଆମାନେ ଯୋଗ ଦେଇଥିଲେ।
ଏଭଳି ଅଭିଯୋଗକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନଜ କୁମାର ପାଢ଼ୀ, ଖୁବ୍ ପ୍ରଶଂସା କରି ଯଥାଶୀଘ୍ର ଗ୍ରାମାଂଚଳର ଥିବା ପାଣି ସମସ୍ୟା ଏବଂ ସିସି ରାସ୍ତା, ନଳକୂଅ ମରାମତି କରାଯିବ ବୋଲି, ସଂଗଠନର ସମସ୍ତ କର୍ମକର୍ତାଙ୍କୁ ଦୃଢ଼ ପ୍ରତିଶୃତି ଦେଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କୁ ଦିଆଯାଇଥିବା ସର୍ଭେ ରିପୋର୍ଟକୁ ପଠାଇ ତଦନ୍ତ କରି କାର୍ଯ୍ୟ ଆରମ୍ଭ କରିବାକୁ କହିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଏପରି ପଦକ୍ଷେପକୁ ଅଂଚଳ ବାସୀ ଖୁବ୍ ଆନନ୍ଦିତ ମନେ କରିଛନ୍ତି।

# ୬୬ ହଜାର ଜେଏଲଜିକୁ ମିଳିନି ବଳରାମର ଲାଭ



ଭୁବନେଶ୍ୱର , ୨୩/୦୨ (ନି.ପ୍ର): ରାଜ୍ୟରେ ସମୁଦାୟ ଚାଷୀଙ୍କ ସଂଖ୍ୟା ୪୮ ଲକ୍ଷ ୬୫ ହଜାର ୮୫୦। ଏଥିରୁ ଅନ୍ୟ ଜମିରେ ଚାଷ କରୁଥିବା ଚାଷୀଙ୍କ ସଂଖ୍ୟା ୨.୮୩ ଲକ୍ଷ। ବଳରାମ ଯୋଜନାରେ ସେମାନଙ୍କୁ ଋଣ ପ୍ରଦାନ ପାଇଁ ଜେଏଲଜି ଗଠନ କରାଯାଇଛି। ପ୍ରତ୍ୟେକ ମିଳିତ ଦେୟ ଗୋଷ୍ଠୀକୁ ୧.୬ ଲକ୍ଷ ଟଙ୍କା ଦିଆଯାଏ। ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ସମୁଦାୟ ୭୯ ହଜାର ୩୧୬ ମିଳିତ ଦେୟ ଗୋଷ୍ଠୀ ଗଠନ କରାଯାଇଛି। ଏମାନଙ୍କ ମଧ୍ୟରୁ ମାତ୍ର ୧୨ ହଜାର ୪୯୭ ମିଳିତ ଦେୟ ଗୋଷ୍ଠୀକୁ ୯୮.୬୬ କୋଟି ଟଙ୍କା ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି। ଅର୍ଥାତ ୬୬ ହଜାର ୮୧୯ ଜେଏଲଜିକୁ ବଳରାମ ଯୋଜନାରେ ଋଣ ମିଳିନାହିଁ। ସେହିଭଳି କାଳିଆ ଯୋଜନା ପ୍ରଚଳନ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ସମୁଦାୟ ୪୧ ହଜାର ୦୮ ହଜାର ୯୫୨ ଜଣ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏବଂ ୧୮ ଲକ୍ଷ ୬୯ ହଜାର ୫୨୯ ଭୂମିହୀନ କୃଷି ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁ ଚାଷୀ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରି ନାହାନ୍ତି ସେମାନେ କାଳିଆ ୱେବ ପୋର୍ଟାଲରେ ଉପଲବ୍ଧ ଥିବା ଅନଲାଇନ ପ୍ରତିକାର ବ୍ୟବସ୍ଥା ମାଧ୍ୟମରେ ସମସ୍ତ ଦସ୍ତାବିଜ ସହ ଆବେଦନ କରିପାରିବେ। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଣତାରକା ପ୍ରଶ୍ନରେ ଏହି ସୂଚନା ଦେଇଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

# କୃଷି ଯନ୍ତ୍ରପାତି ଚଢା ଦରରେ ବିକ୍ରି ହେଉଥିବା ବିଜେପିର ଅଭିଯୋଗ

କେନ୍ଦ୍ରାପଡା, ୨୩/୦୨ (ନି.ପ୍ର): କେନ୍ଦ୍ରାପଡା କଲେଜ ପଡିଆରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଚାଲୁଥିବା ବେଳେ ଏଥିରେ ମିଳୁଥିବା କୃଷି ଯନ୍ତ୍ରପାତି ଚଢା ଦରରେ ବିକ୍ରି ହେଉଥିବା ବିଜେପି ଅଭିଯୋଗ କରିଛି । ଏହାର ବଜାର ଦରକୁ ୪୦-୫୦ ଭାଗ ବୃଦ୍ଧି କରାଯାଇ ସବସିଡି ପ୍ରଦାନ କରାଯାଉ ଥିବା ଅବିଯୋଗ ହୋଇଛି । ଜିଲ୍ଲା ବିଜେପି ଶାଖା ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୃଷି ଓ କୃଷକର ସମସ୍ୟାର ସମାଧାନରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରାଯାଇଛି । ଜିଲ୍ଲାର ୭୫ ଭାଗ ଲୋକେ କୃଷି ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଜିଲ୍ଲାର ପ୍ରାୟ ୭ ଲକ୍ଷ ଲୋକ କାମଧନ୍ଦା ଅଭାବରୁ ଜୀବନ ଜୀବିକା ପାଇଁ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଉଛନ୍ତି । ଆବାତ ଯୋଗ୍ୟ ଚାଷଜମି କମି ଯାଉଥିବା ବେଳେ ଫସଲ ଉତ୍ପାଦ ପାଇଁ ଯେତିକି ଖର୍ଚ୍ଚ ହୁଏ ସେତିକି ମୂଲ୍ୟ ଫସଲରୁ ମିଳିପାରୁ ନାହିଁ । ଜିଲ୍ଲାରେ ମୁଖ୍ୟତଃ ଧାନଚାଷ କରାଯାଉ ଥିବାବେଳେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପଡିଆରେ ହେଉଥିବା କୃଷି ଓ କୃଷିଜାତ ଦ୍ରବ୍ୟ ସମ୍ବନ୍ଧୀୟ ଯନ୍ତ୍ରପାତି ପ୍ରଦର୍ଶନୀରେ ଚଢା ଦରରେ ଯନ୍ତ୍ରପାତି ବିକ୍ରି କରାଯାଉ ଥିବା ବିଜେପି ତରଫରୁ ଅଭିଯୋଗ ହୋଇଛି । ଖୋଲା ବଜାରରେ ସମାନ ଯନ୍ତ୍ରପାତି ୩୦ ରୁ ୪୦ ପ୍ରତିଶତ କମ୍‌ରେ ମିଳୁଥିବା ବେଳେ ପ୍ରଦର୍ଶନୀରେ ସେହି ଯନ୍ତ୍ରପାତିର ଦର ବଢାଯାଇ ସବସିଡି ପ୍ରଦାନ କରା ଯାଉଥିବା ବିଜେପି ଅଭିଯୋଗ କରିଛି । ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୌଛାୟତଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ପୂର୍ବତନ ବିଧାୟକ ଡ଼ଃ ଅଲେକ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କୃଷି ନୀତିର ବିଫଳତାକୁ ସମାଲୋଚା କରିଥିଲେ ।


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

# ଶ୍ରୀ ଚୈତନ୍ୟ ଓ କୃଷ୍ଣଭକ୍ତି



ବୈଷ୍ଣବ ଭକ୍ତି ଯୋଗ ଆନ୍ଦୋଳନର ପ୍ରବକ୍ତା ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କୁ ଗୌଡ଼ୀୟ ବୈଷ୍ଣବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଅବତାର ଭାବେ ଗ୍ରହଣ କରିଛନ୍ତି । 'ଭବିଷ୍ୟ ପୁରାଣ', 'ପଦ୍ମପୁରାଣ', 'ବ୍ରହ୍ମପୁରାଣ', 'ମାର୍କଣ୍ଡେୟ ପୁରାଣ', 'ଗରୁଡ଼ ପୁରାଣ', 'ସ୍କନ୍ଦ ପୁରାଣ', 'ନାରଦ ପୁରାଣ', 'ଭାଗବତ ପୁରାଣ' ଭଳି ପ୍ରାଚୀନ ଶାସ୍ତ୍ରମାନଙ୍କରେ ଭଗବାନ ଶ୍ରୀକୃଷ୍ଣଙ୍କ ପୁନର୍ଜନ୍ମ ସଂପର୍କରେ ଉଲ୍ଲେଖ ରହିଛି । ଉକ୍ତ ଶାସ୍ତ୍ରମାନଙ୍କର ବର୍ଣ୍ଣନା ଭିତ୍ତିରେ ଚୈତନ୍ୟଙ୍କୁ କୃଷ୍ଣଙ୍କ ଅବତାର ଭାବେ ଗ୍ରହଣ କରାଯାଇଛି । 'ଭାଗବତ ପୁରାଣ' ଓ 'ଶ୍ରୀମଦ୍‌ଭଗବଦ୍‌ଗୀତା'ର ଦର୍ଶନ ଆଧାରରେ ଚୈତନ୍ୟ 'ଅଚିନ୍ତ୍ୟ ଭେଦ ଅଭେଦ ବେଦାନ୍ତ' ଦର୍ଶନ ପରମ୍ପରା ପ୍ରଚଳନ କରିଥିଲେ । ଚୈତନ୍ୟ, କୃଷ୍ଣଙ୍କ ବିଭିନ୍ନ ରୂପକୁ ପୂଜା କରୁଥିଲେ । ସେ 'ହରେ କୃଷ୍ଣ ମହାମନ୍ତ୍ର'କୁ ଲୋକପ୍ରିୟ କରାଇଥିଲେ । ସେ 'ଶିକ୍ଷାଷ୍ଟକମ' ନାମକ ଆଠଟି ଭକ୍ତି ସଂଗୀତ ରଚନା କରିଥିଲେ । ଶ୍ରୀ ଶ୍ରୀ ଚୈତନ୍ୟଙ୍କ ପିତା ଶ୍ରୀ ଜଗନ୍ନାଥ ମିଶ୍ର ପିତାମହ ମଧୁକର ମିଶ୍ର ଅବିଭକ୍ତ କଟକ ଜିଲ୍ଲାର (ବର୍ତ୍ତମାନର ଯାଜପୁର ଜିଲ୍ଲା) ଯାଜପୁର ଗ୍ରାମରୁ ୧୪୫୧ ଖ୍ରୀଷ୍ଟାବ୍ଦରେ ଯାଇ ପୂର୍ବ ବଙ୍ଗଳାର ଶ୍ରୀହଟ୍ଟ ଜିଲ୍ଲା ବଡ଼ ଗଙ୍ଗା ଗ୍ରାମରେ ବସତି ସ୍ଥାପନ କରିଥିଲେ । ଶ୍ରୀ ଚୈତନ୍ୟ ୧୪୮୬ ଫାଲଗୁନ୍ ମାସ ୨୭ ତାରିଖ ଫେବୃୟାରୀ ୧୮ରେ ତାରିଖ ଶନିବାର ପୂର୍ଣ୍ଣିମା ତିଥିରେ ସିଂହ ଲଗ୍ନରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ଶଚୀ ଦେବୀ । ସେତେବେଳେ ଜଗନ୍ନାଥ ମିଶ୍ର ନଦୀୟାର ମାୟାପୁରରେ ବାସ କରୁଥିଲେ । ଶଚୀ ଦେବୀଙ୍କ ପିତା ଜଣେ ପ୍ରସିଦ୍ଧ ଜ୍ୟୋତିଷ ଥିଲେ । ସେ ଚୈତନ୍ୟଙ୍କୁ ଦେଖି କହିଥିଲେ ଏ ପିଲାଟି ବଡ଼ ହେଲେ ବିଦ୍ୱାନ ଆଉ ବୁଦ୍ଧିମାନ ହେବ ଏବଂ ପ୍ରେମ ଧର୍ମ ପ୍ରଚାର କରିବ । ସେ ନିମ୍ବ ଗଛ ମୂଳେ ଜନ୍ମ ହୋଇଥିବାରୁ ତାଙ୍କୁ ପିଲାଦିନେ ନିମାଇଁ ବୋଲି ଡାକୁଥିଲେ । ଏହାଛଡ଼ା ତାଙ୍କୁ ବିଶ୍ୱମ୍ଭର ବୋଲି ମଧ ନାମ ଦେଇଥିଲେ କିନ୍ତୁ ତାଙ୍କର ସୁନାରଙ୍ଗର ଚେହେରା ଯୋଗୁଁ 'ଗୌରାଙ୍ଗ' ନାମରେ ସମ୍ବୋଧିତ ହେଉଥିଲେ । ସେ କେଶବ ଭାରତୀ ନାମକ ଜଣେ ସନ୍ୟାସୀଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ସନ୍ୟାସୀ ହୋଇଯାଇଥିଲେ । ସନ୍ୟାସ ଗ୍ରହଣ ସମୟରେ ଗୁରୁ ତାଙ୍କ ନାମ ଦେଲେ ଶ୍ରୀ କୃଷ୍ଣ ଚୈତନ୍ୟ । ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥିଲେ । ସେତେବେଳେ ଗଜପତି ଥିଲେ ରାଜା ପ୍ରତାପରୁଦ୍ର ଦେବ । ଶ୍ରୀ ଚୈତନ୍ୟ ଯେଉଁ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ ତାହା ଗୌଡ଼ୀୟ ବୈଷ୍ଣବ ଧର୍ମ ।

ଶ୍ରୀଚୈତନ୍ୟଙ୍କ ଭକ୍ତି ମାର୍ଗରେ ଅଗ୍ରସର ହେବାକୁ ହେଲେ କୃଷ୍ଣ ଭକ୍ତିର ତାତ୍ପର୍ଯ୍ୟ ବୁଝିବାକୁ ହେବ । ଶ୍ରୀକୃଷ୍ଣଙ୍କ ନାମ ଗୁଣାଦିର ଶ୍ରବଣ, କୀର୍ତ୍ତନ, ସ୍ମରଣ, ପୂଜନ, ବନ୍ଦନ, ପରିଚର୍ଯ୍ୟା, ସଖ୍ୟ, ଦାସ୍ୟ ଓ ଆତ୍ମନିବେଦନ ଆଦି ନବଧା ବୈଧିଭକ୍ତିର ସାଧନ କରିବାକୁ ହେବ । ଶ୍ରୀଚୈତନ୍ୟଙ୍କ ଶିକ୍ଷାରେ ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ଭାବର ପଞ୍ଚାଙ୍ଗ ସାଧନା ବ୍ୟବସ୍ଥା ରହିଛି । ଭଗବାନଙ୍କ ନାମ ସଂକୀର୍ତ୍ତନର ସପ୍ତବିଧ ପ୍ରଭାବ ବିଷୟରେ ମଧ ଉଲ୍ଲେଖ ରହିଛି ଏହି ଶିକ୍ଷା ବ୍ୟବସ୍ଥାରେ । ପ୍ରଥମ ହେଲା ନାମକାରୀ - ଭକ୍ତର ଚିତ୍ତ ଦର୍ପଣ ମାର୍ଜିତ ହୋଇଥାଏ । ସଂସାରର ମହାଦାବାଗ୍ନି ସଦୃଶ ଜ୍ୱଳନ୍ତ ସନ୍ତାପ ନାମ ବଳରେ ନିର୍ବାପିତ ହୁଏ । ନାମ ପ୍ରଭାବରେ ମାନବ ହୃଦୟରେ ସର୍ବବିଧ ଶ୍ରେୟମାନେ ଚନ୍ଦ୍ରାଲୋକ ସଦୃଶ ଉଦ୍‌ଭାସିତ ହୋଇ ଉଠନ୍ତି । ନାମକାରୀ ବିଭୁ ପାଦପଦ୍ମରେ ଜ୍ଞାନମୟୀ ବଧୂ ଭାବରେ ସେବା କରିଥାଏ । ନାମକାରୀର ହୃଦୟରେ ଦିବ୍ୟ ଆନନ୍ଦର ସାଗର ଉଚ୍ଛୁଳି ଉଠେ । ପ୍ରତ୍ୟେକ ପଦ ନାମର ଉଚ୍ଚାରଣରେ ପୂର୍ଣ୍ଣ ଅମୃତ ଆସ୍ୱାଦନ କରାଯାଏ । ସମଗ୍ର ଆତ୍ମା ପରିତୃପ୍ତ ହୋଇଥାଏ । ଶ୍ରୀଚୈତନ୍ୟଙ୍କ ଅଚିନ୍ତ୍ୟ ଭେଦାଭେଦ ଦର୍ଶନ ମତରେ - ଶ୍ରୀକୃଷ୍ଣ ହେଉଛନ୍ତି ଅଚ୍ୟୁତ୍ । ଅର୍ଥାତ୍ ଜୀବଜଗତରେ କାହାଠାରୁ ସେ ବିଚ୍ୟୁତ ନୁହନ୍ତି । ଜୀବ ମଧ ଶ୍ରୀକୃଷ୍ଣଙ୍କ ସେବକ ଭାବରେ ନିତ୍ୟ ଦାସ । ହରି ଶରଣାଗତ ଗୃହୀ ତଥା ଗୃହତ୍ୟାଗୀଙ୍କ ପକ୍ଷରେ ନାମ-ଭକ୍ତି, ଏକ ସମୟରେ ପରିବାର ପୋଷଣ ସହିତ ହରି ଭଜନ କରିବାର ସୁଗମ ପନ୍ଥା । ଜୀବନ୍ମୁକ୍ତମାନେ ଆତ୍ମାରାମ ହୋଇ ମଧ ପ୍ରେମୀ ଭକ୍ତ ଭାବରେ ଶ୍ରୀକୃଷ୍ଣଙ୍କର ସେବାର୍ଚ୍ଚନା କରନ୍ତି । ବ୍ରଜାଙ୍ଗନା ମଧ ଭବବନ୍ଧନମୁକ୍ତ ନିତ୍ୟସିଦ୍ଧା ଥିଲେ । ସେମାନଙ୍କର ଜଡ଼ୀୟ ଗୁଣମୟ ଦେହଭାବ ଦୂର ହୋଇଥିଲା ଏବଂ ଯୋଗମାୟାଙ୍କ ଦ୍ୱାରା ସେମାନେ ଲାଭ କରିଥିଲେ ଅପ୍ରାକୃତ ସିଦ୍ଧ ଦେହ । ଶ୍ରୀଚୈତନ୍ୟଙ୍କ ଭାଷାରେ ଅଦ୍ୱୟ ଶ୍ରୀକୃଷ୍ଣ - ଶ୍ରୀଜଗନ୍ନାଥ ନୀଳାଚଳରେ ବିଦ୍ୟମାନ । ତେଣୁ ନୀଳାଚଳ ଧାମ ପୁରୀ ହେଉଛି ମର୍ତ୍ତ୍ୟର ବୈକୁଣ୍ଠଧାମ । ସେହି ଆନନ୍ଦମୟ, ପ୍ରେମମୟ, ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ ମଣ୍ଡିତ ଦିବ୍ୟ ଦେହଧାରୀ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମିଳେ ଗୁରୁ ଓ ଭଗବାନଙ୍କ ଅପାର କରୁଣା । ଶ୍ରୀ ଚୈତନ୍ୟଙ୍କ ଆଗମନ ପୂର୍ବରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଚାର ହୋଇସାରିଥିଲା । ପଞ୍ଚମ ଓ ଷଷ୍ଠ ଶତାବ୍ଦୀରେ କଳିଙ୍ଗ ସାମ୍ରାଜ୍ୟ ଶାସନ କରୁଥିବା ମଠର ଓ ପୂର୍ବୀ ଗଙ୍ଗ ବଂଶର ରାଜାମାନେ ବୈଷ୍ଣବ ଧର୍ମର ଥିବା ଜଣାଯାଏ । ଏହାଛଡ଼ା ଏକାଦଶ ଶତାବ୍ଦୀ ବେଳକୁ ଭକ୍ତ କବି ଜୟଦେବ ଗୀତ ଗୋବିନ୍ଦ କାବ୍ୟ ରଚନା କରି ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରଚାର ଓ ପ୍ରସାରରେ ସାହାଯ୍ୟ କଲେ । ଏହିପରି ଭାବେ ଓଡ଼ିଶାରେ ବୈଷ୍ଣବ ଧର୍ମର ଧାରା ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରବାହିତ ହୋଇଆସି ପଞ୍ଚସଖା ଯଥା ଭକ୍ତ କବି ଜଗନ୍ନାଥ ଦାସ, ଭକ୍ତ କବି ବଳରାମ ଦାସ, ମହାପୁରୁଷ ଅନନ୍ତ ଯଶୋବନ୍ତ ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦ୍ୱାରା ଓଡ଼ିଶୀ ବୈଷ୍ଣବ ଧର୍ମର ପ୍ରସାର ମାନ୍ୟତା ଲାଭ କରିସାରିଥିଲେ । ଏହି ବର୍ଷ ଚୈତନ୍ୟ ଦେବଙ୍କ ୫୩୨ ବର୍ଷ ପ୍ରବେଶ (ଶ୍ରୀ ଶ୍ରୀ ଚୈତନ୍ୟାବ୍ଦ) । ଆଜି ଚତୁର୍ଦ୍ଦଶୀ କୁମ୍ଭ ୧୭ଦିନ ପବିତ୍ର ଦୋଳପୂର୍ଣ୍ଣିମା ଶ୍ରୀ ଚୈତନ୍ୟ ଜୟନ୍ତୀ ଅବସରରେ ମହାପ୍ରଭୁଙ୍କ ପ୍ରଣାମ ଜଣାଇବା ସହିତ ତାଙ୍କର ଶୁଭାଶ୍ରୀର୍ବାଦ କାମନା କରୁଛୁ ।



*ସହ-ପ୍ରତିରକ୍ତିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଖାଲିପେଟରେ କାହିଁକି ସେବନ କରନ୍ତି ଟମାଟୋ ? ଜାଣନ୍ତୁ ଏହାର ୪ଟି ଜବରଦସ୍ତ ଫାଇଦା

**ଟମାଟୋ ଏପରି ଏକ ପରିବା ଯାହାକୁ ଭାରତରେ ବହୁଳ ଭାବରେ ବ୍ୟବହାର କରାଯାଏ । ଏହାକୁ କୌଣସି ତରକାରୀରେ ପକାଇଦେଲେ ତାର ସ୍ୱାଦ ବଢିଯାଏ । ଏଥିସହିତ ଟମାଟୋକୁ ତ୍ୱଚା ପାଇଁ ମଧ ବ୍ୟହାର କରାଯାଏ । କିନ୍ତୁ ଆପଣମାନେ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମ ଶରୀରରୁ ଅନେକ ପ୍ରକାର ଫାଇଦା ଦେଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମକୁ କଣ ଫାଇଦା ଦେଇଥାଏ ।**

***ଟମାଟୋକୁ ଖାଲିପେଟରେ ସେବନ ଦ୍ୱାରା ମିଳିଥାଏ ଏହିସବୁ ଫାଇଦା:***



**୧-ପେଟରେ ଥିବା ଜୀବାଣୁ ନଷ୍ଟ:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ । ତେବେ ସକାଳୁ ଟମାଟୋକୁ ଗୋଲମରିଚ ଗୁଣ୍ଡ ସହ ମିଶାଇ ସେବନ କରନ୍ତୁ ଫଳରେ ପେଟରେ ଥିବା ଜୀବାଣୁ ମରି ମଳ ଦ୍ୱାରା ବାହିରି ଆସିବେ ଏଥିସହିତ ସ୍ୱାସ୍ଥ୍ୟ ମଧ ଭଲ ରହିବ ।

**୨-ହୃଦଘାତ ସମସ୍ୟା ଦୂର:** ଟମାଟୋରେ ଭିଟାମିନସ୍, ସୋସଡିୟମ, ପୋଟାସିୟମ, କ୍ୟାଲସିୟମ, ଭିଟାମିନ ଏ, ଭିଟାମିନ ସି, ଭିଟାମିନ ଇ ଏବଂ ରାଇବୋଫ୍ଲୋଭ୍ଵିନ ଆଦି ରହିଥାଏ। ଯାହା ଶରୀରକୁ ସୁସ୍ଥ ରଖିବା ସହ ହୃଦଘାତ ପରି ସମସ୍ୟାକୁ ମଧ ଦୂର କରିଥାଏ । ତେଣୁ ପ୍ରତ୍ୟେକ ଦିନ ଖାଲିପେଟରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସେବନ କରିବା ଦ୍ୱାରା ଏହା ହାଇ କୋଲେଷ୍ଟ୍ରଲ ଏବଂ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହୃଦଘାତ ସମସ୍ୟା ଦୂର ହୋଇଥାଏ ।

**୩-ପେଟ ଥଣ୍ଡା ରୁହେ:** କିଛି ଲୋକଙ୍କୁ ପେଟ ଗରମ କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଏହା ସେମାନଙ୍କ ଚର୍ମ ଏବଂ କେଶ ଉପରେ ପ୍ରଭାବ ପକାଏ । ତେଣୁ ବିଶେଷଜ୍ଞମାନଙ୍କ ମତରେ ଖାଲିପେଟରେ ସକାଳୁ ଟମାଟୋ ସୋବନ କରିବା ଉଚିତ୍ ଏପରି କରିବା ଦ୍ୱାରା ପେଟ ଗରମ ସମସ୍ୟା ଦୂର ହୋଇଥାଏ ।

**୪-ଦୃଷ୍ଟିଶକ୍ତି ବଢେ:** ଯେଉଁ ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତି କମ୍ ଥାଏ ସେମାନଙ୍କ ପାଇଁ ଟମାଟୋ ସେବନ ଅନେକ ଲାଭ ଦେଇଥାଏ। କାରଣ ଏହି ପରିବାରେ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥାଏ। ଫଳରେ ଏହାକୁ ପ୍ରତ୍ୟେକ ଦିନ ଖାଲି ପେଟରେ ସେବନ କଲେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ମଧ କୋମଳ ଏବଂ ଚିକ୍କଣ କରିଥାଏ ।

# ଘରେ ପାରାର ପ୍ରବେଶ ଦେଇଥାଏ ଏହି ସଂକେତ; ଜାଣନ୍ତୁ ଏହା ଶୁଭ ନା ଅଶୁଭ ?



ଧର୍ମ- ଶାସ୍ତ୍ରରେ ଏପରି କିଛି କଥା ବା ଘଟଣା ରହିଛି ଯାହାକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ। ଏହି ଘଟଣା ବ୍ୟକ୍ତିର ଜୀବନ ଉପରେ ପ୍ରଭାବ ମଧ ପକାଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ହିନ୍ଦୁ ଧର୍ମରେ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଶାସ୍ତ୍ର ,ସ୍ୱପ୍ନ ଶାସ୍ତ୍ର ପରି ଶକୁନ ଶାସ୍ତ୍ର ମଧ ରହିଛି । ଯେଉଁଥିରେ ଘରେ ପ୍ରବେଶ କରୁଥିବା ଜୀବଜନ୍ତୁ ଆମ ଜୀବନ ଉପରେ କିପରି ପ୍ରଭାବ ପକାଇଥାନ୍ତି ଏବଂ ଏହା ଶୁଭ କି ଅଶୁଭ ଏହିସବୁ ବିଷୟରେ ଉଲ୍ଲେଖ ରହିଛି । ତେବେ ଆଜି ଆମେ ଆପଣଙ୍କୁ ଜାଣାଇବୁ ଘରେ ପାରାର ପ୍ରବେଶ ଆପଣଙ୍କ ଜୀବନରେ କି ସଂକେତ ଦେଇଥାଏ। ତେବେ ପାରାକୁ ଶାନ୍ତିର ପ୍ରତୀକ କୁହାଯାଏ । ଏଥିସହିତ ଧାର୍ମିକ ଶାସ୍ତ୍ର ଅନୁସାରେ ଏହାକୁ ମା ଲକ୍ଷ୍ମୀଙ୍କ ଭକ୍ତ ଭାବରେ ମଧ ବିବେଚନା କରାଯାଏ । ତେଣୁ ଘରେ ଏହାର ପ୍ରବେଶକୁ ଶୁଭ ବେଲି କୁହାଯାଉଥିବା ବେଳେ କିଛି କ୍ଷତ୍ରେରେ ଏହାକୁ ଅଶୁଭ ବୋଲି ମଧ ବିବେଚନା କରାଯାଏ। ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...

**ଘରେ ପାରାର ପ୍ରବେଶ:** ଶକୁନ ଶାସ୍ତ୍ର ଅନୁସାରେ ଘରେ ପାରାର ପ୍ରବେଶକୁ ଶୁଭ ବୋଲି ବିବେଚନା କରାଯାଏ । ତେବେ ଯଦି ଘରର ଛାତ କିମ୍ବା ବାଲକୋନିରେ ପାରା ବସେ ତେବେ ତାକୁ ଖାଇବାକୁ ଦିଅନ୍ତୁ ଏପରି କରିବା ଦ୍ୱାରା ଏହା ଆପଣଙ୍କ ଜୀବନରେ ଥିବା ସମସ୍ତ ଅସୁବିଧା ଦୂର ହେବା ସହ ଜୀବନରୁ ସମସ୍ତ ବାଧା ବିଘ୍ନ ମଧ ଦୂର ହୋଇଥାଏ ।

**ପାରା ଘରେ ବସା କରିବାର ଅର୍ଥ:** ଶାସ୍ତ୍ର ଅନୁସାରେ ପାରା ଘରେ ବସା ତିଆରି କରିବା ଅଶୁଭ ସଂକେତ ଦେଇଥାଏ । ଅନେକ ଥର ପାରା ଘରର ବାଲକୋନି କିମ୍ବା ଛାତ ଉପରେ ଥିବା ସ୍କାଏ ଲାଇଟ୍ ଆଦିରେ ନିଜର ବସା ବାନ୍ଧିଥାନ୍ତି । ଏପରି କରିବା ଦ୍ୱାରା ଘରେ ଅନେକ ସମସ୍ୟା ଆସିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ମଧ ଦେଖାଦେଇଥାଏ । ଏଥିସହିତ ଆର୍ଥିକ ସ୍ଥିତିରେ ମଧ ଏହା ପ୍ରଭାବ ପକାଇଥାଏ । ତେଣୁ ଘର ଭିତରେ ପାରାର ବସା ରହିବାକୁ ଦିଅନ୍ତୁ ନାହିଁ ।

**ଘର ଭିତରକୁ ଆସୁଥିବା ପାରା :** ଯଦି ପାରା ଘରର ଛାତ-ବାଲକୋନି ଅତିକ୍ରମ କରି ଭିତରକୁ ପ୍ରବେଶ କରେ, ତେବେ ଏହା ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦର ସଙ୍କେତ ଅଟେ । ଶାସ୍ତ୍ର ଅନୁସାରେ ଏହାର ଅର୍ଥ ହେଉଛି ତୁମ ଜୀବନରେ ଅନେକ ସୁଖ ଏବଂ ସମୃଦ୍ଧ ହେବାକୁ ଯାଉଛି । ତେଣୁ ଘରକୁ ପ୍ରବେଶ କରୁଥିବା ପାରାକୁ ଖାଇବାକୁ ଦିଅନ୍ତୁ କିନ୍ତୁ ପାରାକୁ ଘରେ ବସା ତିଆରି କରିବାକୁ ଦିଅ ନାହିଁ ।

# ଚନ୍ଦ୍ରଗ୍ରହଣ ସମୟରେ ଭୁଲରେ କରନ୍ତୁ ନାହିଁ ଏହି କାମ

ଦେବାଭିଷେକ ପୂର୍ଣ୍ଣିମାରେ ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଲାଗିବାକୁ ଯାଉଛି । ଆଜି ରାତି ୧୦ଟା ୩୭ମିନିଟରୁ ଆରମ୍ଭ ହୋଇ ୨ଟା ୪୨ ପର୍ଯ୍ୟନ୍ତ ରହିବ ଏହି ଚନ୍ଦ୍ରଗ୍ରହଣ । ଏହା ପୂର୍ଣ୍ଣଗ୍ରହଣ ନହୋଇ ଉପଚ୍ଛାୟା ଚନ୍ଦ୍ରଗ୍ରହଣ ହେବ । ଉପଚ୍ଛାୟା ଚନ୍ଦ୍ରଗ୍ରହଣ ହୋଇଥିବାରୁ କୌଣସି ନୀତିରେ ବାରଣ ନଥିବା କୁହାଯାଇଛି । ଏଥିଲାଗି ହାଣ୍ଡିଛାଡ ହେବନି କି ଦେଶନୀତି ନିଷେଧ ହେବନି ।



ଏହି ଗ୍ରହଣରେ ଚନ୍ଦ୍ରମା ମିଥୁନ ରାଶିରେ ହେବ ଓ ନକ୍ଷତ୍ର ପୂର୍ଣ୍ଣବସୁ ରହିବ । ମିଥୁନ ରାଶିର ଲୋକେ ଚନ୍ଦ୍ରଗ୍ରହଣ ସମୟରେ ସାବଧାନରେ ରହିବା ଜରୁରୀ । ତେବେ ଚନ୍ଦ୍ରଗ୍ରହଣ ସମୟରେ କିଛି ଖାସ୍ କାମ ନକରିବାକୁ କୁହାଯାଇଥାଏ । ଆସନ୍ତୁ ଜାଣିବା ସେହି କାର୍ଯ୍ୟ ସର୍ମ୍ପକରେ..

– ଗ୍ରହଣ ସମୟରେ ଦେବପୂଜା ନିଷେଦ୍ଧ କରାଯାଇଥାଏ । ଏହି କାରଣରୁ ଗ୍ରହଣ ସମୟରେ ମନ୍ଦିରର କବାଟ ବନ୍ଦ କରାଯାଇଥାଏ । କିନ୍ତୁ ଏହି ସମୟରେ ଆପଣ ଶିବଲିଙ୍ଗର ପୂଜା କରିପାରନ୍ତି ।

– ଗ୍ରହଣ ସମୟରେ କୌଣସି ଶୁଭ କାର୍ଯ୍ୟ କରିବା ଉଚିତ୍ ନୁହେଁ । କୁହାଯାଏ କି, ଗ୍ରହଣ ସମୟରେ କରାଯାଇଥିବା ଶୁଭ କାମର ବିପରୀତ ଫଳ ହୋଇଥାଏ ।

– ଚନ୍ଦ୍ରଗ୍ରହଣ ସମୟରେ ପ୍ରକୃତି ଅଧିକ ସମ୍ବେଦନଶୀଳ ହୋଇଥାଏ । ଏହି କାରଣରୁ ଗ୍ରହଣ ସମୟରେ ଗଛ, ଫୁଲ ଓ ପତ୍ରକୁ ତୋଳିବା ବା ଓପାଡିବା କଥା ନୁହେଁ ।

– ଜ୍ୟୋତିଷଶାସ୍ତ୍ର ଅନୁସାରେ, ଚନ୍ଦ୍ରଗ୍ରହଣ ସମୟରେ ନଖ ଓ କେଶ କାଟିବାକୁ ଅଶୁଭ କୁହାଯାଏ ।

# ଏହି ଲୋକମାନେ ଭୁଲରେ ବି ଖାଆନ୍ତୁ ନାହିଁ ପିନଟ ବଟର

ଆଜିକାଲି ଲୋକେ ଆଧୁନିକ ଜୀବନଶୈଳୀରେ ବଞ୍ଚିବାକୁ ଅଧିକ ପସନ୍ଦ କରୁଛନ୍ତି । ଫଳରେ ସେମାନେ ବିଭିନ୍ନ ପ୍ରକାର ବାହାର ଖାଦ୍ୟକୁ ନିଜ ଡେଲି ରୁଟିନରେ ସାମିଲ କରୁଛନ୍ତି । ଯେଉଁ କାରଣରୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଏହି ଆଧୁନିକ ଖାଦ୍ୟ ମଧ୍ୟରୁ ଗୋଟିଏ ହେଉଛି ପିନଟ ବଟର । ଯାହାକି ବାଦାମରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏଥିରେ ଭରପୁର ମାତ୍ରାରେ ପୋଷକ ତତ୍ତ୍ୱ ରହିଥାଏ । ନିକଟରେ ଏହି ପିନଟ ବଟର ଖାଇବାର ଚଳନୀ ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯଦି ଏହି ବ୍ୟକ୍ତିମାନେ ପିନଟ ବଟର ସେବନ କରନ୍ତି ତେବେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ବର୍ତ୍ତମାନ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତିମାନଙ୍କୁ ଏହା ସେବନ କରିବାକୁ ବାରଣ କରାଯାଏ ।



**କଲେଷ୍ଟ୍ରଲ ସମସ୍ୟା ଥିବା ବ୍ୟକ୍ତି:** ସ୍ୱାସ୍ଥ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଯେଉଁ ବ୍ୟକ୍ତିମାନଙ୍କର ହାଇ କୋଲେଷ୍ଟ୍ରଲ କିମ୍ବା ଖରାପ କୋଲେଷ୍ଟ୍ରଲର ସମସ୍ୟା ଅଛି ସେମାନେ ପିନଟ ବଟର ସେବନ କରିବା ଉଚିତ୍ ନୁହେଁ । କାରଣ ଏଥିରେ ଥିବା ନ୍ୟୁଟ୍ରିୟନ୍ସ କୋଲେଷ୍ଟ୍ରଲ ମାତ୍ରାକୁ ବଢାଇ ଦେଇଥାଏ। ଫଳରେ ହୃଦୟ ଜନିତ ସମସ୍ୟା ମଧ ସୃଷ୍ଟି ହୁଏ ।

**ମେଦବହୁଳ ବ୍ୟକ୍ତି:** ଯେଉଁ ବ୍ୟକ୍ତିମାନେ ମେଦବହୁଳତାର ଶିକାର ହୋଇଥାନ୍ତି ସେମାନେ ଭୁଲରେ ବି ପିନଟ ବଟର ସେବନ କରନ୍ତୁ ନାହିଁ । କାରଣ ଏଥିରେ ଥିବା ପୋଷକ ତତ୍ୱ ମେଦବହୁଳତାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ । ଫଳରେ ଆଣଙ୍କ ମୋଟାପଣ ଅଧିକ ବଢିଯାଏ । ତେଣୁ ମେଦବହୁଳତା ସମସ୍ୟାରେ ପିଡିତ ଥିବା ବ୍ୟକ୍ତିମାନେ ପିନଟ ବଟର ସେବନ ଠାରୁ ଦୂରେଇ ରୁହନ୍ତୁ ।

**କିଡନୀ ଜନିତ ସମସ୍ୟା:** ଯେଉଁ ବ୍ୟକ୍ତିମାନଙ୍କର କିଡନୀ ଜନିତ ସମସ୍ୟା ରହିଛି ,ସେମାନେ ଏହି ପିନଟ ବଟର ସେବନ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖନ୍ତୁ । କାରଣ ଏଥିରେ ଥିବା ପୋଷକ ତତ୍ତ୍ୱ କିଡନୀ ପାଇଁ ମଧ ବିପଜ୍ଜନକ ହୋଇପାରେ । ଯେଉଁ କାରଣରୁ କିଡନୀ ଜନିତ ସମସ୍ୟା ଦେଖାଦିଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବର୍ଷପୂର୍ତ୍ତି ଦିବସ...

ଚଳିତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଅଚାନକ ଯୁଦ୍ଧାଞ୍ଚଳ ପାଲଟି ସାରିଥିବା ୟୁକ୍ରେନ୍‌ର କିଭକୁ ଗସ୍ତ କରିଛନ୍ତି । ତାଙ୍କର ଏହି ଗସ୍ତ ସଙ୍କେତ ପ୍ରଦାନ କରିଛି ଯେ ୱାଶିଂଟନ୍ ଡିସିର କେତେକ ରାଜନେତାଙ୍କ ମଧରେ ଯଦିଓ ରୁଷିଆ ଓ ୟୁକ୍ରେନ୍ ମଧରେ ଯୁଦ୍ଧ ଏବଂ ୟୁକ୍ରେନ୍‌କୁ ଆମେରିକାର ସହାୟତା । ସାମରିକ ଉପସ୍ଥିତି ନାହିଁ ବା ସେଠାକାର ଆକାଶ ମାର୍ଗ ଉପରେ ନିୟନ୍ତ୍ରଣ ନାହିଁ । କିନ୍ତୁ ଆମେରିକାର ସୁରକ୍ଷା ପରାମର୍ଶଦାତା ଯେପରି କହିଛନ୍ତି- ଏହି ଗସ୍ତ ଏକ 'ସ୍ୱଷ୍ଟ ଏବଂ ନିର୍ଭୁଲ ବାର୍ତ୍ତା' ପ୍ରଦାନ କରିବାର ଉଦ୍ଦେଶ୍ୟ ବହନ କରୁଥିଲା ଯେ ରୁଷିଆର ହିଂସାତ୍ମକ ମନୋଭାବ ସମ୍ମୁଖରେ ୟୁକ୍ରେନ୍ ପ୍ରତି ଆମେରିକାର ସାହାଯ୍ୟ ବଳବତ୍ତର ରହିବ ଏବଂ ତା' ସହିତ ମଧ ବଜାୟ ରହିବ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମେଣ୍ଟର ଏକତା। କହିବା ବାହୁଲ୍ୟ, ଯୁଦ୍ଧର ଯନ୍ତ୍ରଣା ଭୋଗ କରୁଥିବା ଏକ ରାଷ୍ଟ୍ରକୁ ସେହି ସମୟରେ ଅନ୍ୟ ଏକ ରାଷ୍ଟ୍ରମୁଖ୍ୟଙ୍କ ଅଚାନକ ଗସ୍ତ ଅନେକ ବିପଦରେ ପରିପୂର୍ଣ୍ଣ ଥିଲା। ଆଉ ମାତ୍ର ଦିନକ ପରେ ଆସୁଥିବା ଫେବ୍ରୁଆରୀ ୨୪ ତାରିଖ ସାମ୍ପ୍ରତିକ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଏକ ବର୍ଷ ପୂର୍ତ୍ତିର ଦିବସ ପାଳଟିବାକୁ ଯାଉଛି । ୯ ବର୍ଷ ପୂର୍ବେ ମଧ୍ୟ ରୁଷିଆ ଏଇ ଫେବ୍ରୁଆରୀ ମାସରେ କ୍ରିମିଆକୁ ଦଖଲ କରିଥିଲା । ତେବେ ବର୍ତ୍ତମାନ ଯେଉଁ ଯୁଦ୍ଧ ଚାଲୁ ରହିଛି, ସେଥିପାଇଁ ରୁଷୀୟ ରାଷ୍ଟ୍ରପତି ଯେତେଗୁଡ଼ିଏ ଉଦ୍ଦେଶ୍ୟ ବହନ କରିଥିଲେ, ତାହା ଏଯାବତ୍ ଅପୂରଣୀୟ ରହିଛି । ଇତି ମଧରେ ରୁଷିଆକୁ ୟୁକ୍ରେନ୍ ଉପଯୁକ୍ତ ଜବାବ ଦେବା ଦ୍ୱାରା ଏହାକୁ ଯେତିକି ଆଘାତ ଲାଗିଛି, ତାହା ରୁଷିଆର ସାମରିକ ଶକ୍ତି ଉପରେ କେବଳ ଯାହା ସନ୍ଦେହ ସୃଷ୍ଟି କରାଇଛି । ପରନ୍ତୁ, ତା' ସତ୍ତ୍ୱେ ଯୁଦ୍ଧର ଏକ ବର୍ଷ ପୂର୍ତ୍ତି ପୂର୍ବରୁ ପୁଟିନ୍ ଯେଉଁ ଉଦ୍‌ବୋଧନ ପ୍ରଦାନ କରିଛନ୍ତି, ସେଥିରେ ତାଙ୍କ ସାମନ୍ତବାଦୀ ମନୋଭାବର ପ୍ରତିଫଳନ ଘଟିଛି କହିଲେ ଅତ୍ୟୁକ୍ତି ହେବନାହିଁ । ମନେହୁଏ, ବିଗତ ଏକ ବର୍ଷ ଭିତରେ ଏମିତି କିଛି ଘଟିନାହିଁ ଯାହା ତାଙ୍କ ମନକୁ ପରିବର୍ତ୍ତନ କରି ପାରିବ ଏବଂ ଏକ ଅଯୌକ୍ତିକ ପ୍ରତିଶୋଧ ପରାୟଣ ମନୋବୃତ୍ତିକୁ ପରିହାର କରାଇ ବିଶାଳ ରୁଷୀୟ ସାମ୍ରାଜ୍ୟର ପୁନରୁଦ୍ଧାର କରିବା ଭଳି ସ୍ୱପ୍ନକୁ ଦୂରେଇ ଦେଇ ଯୁଦ୍ଧର ପରିସମାପ୍ତି ଘଟାଇ ପାରିବ। ଆମେରିକା ଏବଂ ପ୍ରମୁଖ ପାଶ୍ଚାତ୍ୟ ଓ ନାଟୋ ମେଣ୍ଟଭୁକ୍ତ ରାଷ୍ଟ୍ରମାନଙ୍କର ୟୁକ୍ରେନ୍‌କୁ ସହାୟତା କେବଳ ଯାହା ଏହାର ପୂର୍ବ ଭାଗର ପଡ଼ୋଶୀକୁ ସାମାନ୍ୟ ଦୂରରେ ରହିବାରେ ସାହାଯ୍ୟ କରିଛି। ଯେତିକି ସଙ୍କେତ ମିଳୁଛି, ସେହି ଅନୁସାରେ କୁହାଯାଇପାରେ ଯେ ଯଦିଓ ରୁଷିଆ ବର୍ତ୍ତମାନ ସୁଦ୍ଧା ଦୁଇ ଲକ୍ଷ ପାଖାପାଖି ସୈନ୍ୟଙ୍କୁ ହରାଇ ଥାଇପାରେ ବୋଲି ଆକଳନ କରାଯାଉଛି । ଦିନକ ପରେ ଏହି ଯୁଦ୍ଧ କେଉଁ ରୂପ ଧାରଣ କରିବ, ତାହା ଜଣେ କେବଳ ଅନୁମାନ କରି ପାରନ୍ତି । ଏବେ ଦେଖିବାକୁ ବାକି ରହିଛି ଯେ ପାଶ୍ଚାତ୍ୟ ରାଷ୍ଟ୍ରମାନେ କିଭଳ ଏହିସବୁ ଦାବି ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ଏବଂ ସେମାନଙ୍କର ଏହି ଦାବିଗୁଡ଼ିକୁ ପୂରଣ କରିବା ଉପରେ ନିର୍ଭର କରିବ ୨୦୨୩ରେ ଯୁଦ୍ଧର ଗତି । ଅପର ପକ୍ଷରେ, ରୁଷୀୟ ସୁପ୍ରିମୋ ପୁଟିନ୍ ମଧ ତାଙ୍କର ଘରୋଇ ଦର୍ଶକମାନଙ୍କୁ ବର୍ଷେ ପୂର୍ବରୁ 'ନାଟୋବାଦ' ବିରୁଦ୍ଧରେ ଯୁଦ୍ଧ କରିବାର ବାର୍ତ୍ତା ପ୍ରଦାନ କରି ସେମାନଙ୍କ ଆସ୍‌ରେ ଜାତୀୟ ନାୟକ ପାଲଟି ସାରିଛନ୍ତି । ଏସବୁ ଭିତରେ ଏବେ ମଧ ବିଶ୍ୱାସ କରାଯାଉଛି ଯେ ରୁଷିଆକୁ ୟୁକ୍ରେନ୍ ବିରୁଦ୍ଧରେ ଆକ୍ରମଣରୁ ନିବର୍ତ୍ତାଇ ଯୁଦ୍ଧର ପରିସମାପ୍ତି ଘଟାଇବା ପାଇଁ କେବଳ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବା ତୁର୍କୀର ରାଷ୍ଟ୍ରପତି ତାୟିପ୍ ଏର୍ଦୋଗାନ୍ ହିଁ ବୁଝାଇ ପାରିବେ ଏବଂ ପ୍ରଭାବିତ କରି ପାରିବେ ଏଇକଥା କହି ଯେ ଏହି ଯୁଦ୍ଧ ଯୋଗୁଁ କେବଳ ସମ୍ପୃକ୍ତ ଦୁଇ ରାଷ୍ଟ୍ର ନୁହନ୍ତି, ସମଗ୍ର ବିଶ୍ୱ କିପରି ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅର୍ଥନୀତିକ ଭଉଁରୀରେ ପଡ଼ି ସାରିଛି । ଆଶା କରାଯାଉ, ଉପରୋକ୍ତ ଦୁଇ ନେତାଙ୍କ ମଧରୁ କେହି ହେଲେ ମଧସ୍ଥି ସାଜି ରୁଷିଆକୁ ଏହା ବୁଝାଇବାରେ ସମର୍ଥ ହେବେ ଏବଂ ବିଶ୍ୱକୁ ଅଧିକ ବିପତ୍ତିର ସମ୍ମୁଖୀନ ହେବାରୁ ବଞ୍ଚାଇ ପାରିବେ ।

# ମାନବ ସେବା ହିଁ ମାଧବ ସେବା

## ବିଚିତ୍ରାନନ୍ଦ ପ୍ରଧାନ

**ସମ୍ବଳହୀନ ପୀଡ଼ିତ ମାନଙ୍କର ସେବା କରିବା ପ୍ରବୃତ୍ତି ଏକ ଦେବ ସୁଲଭ ଗୁଣ। ଏହି ପ୍ରବୃତ୍ତି ଯେଉଁ ପୁରୁଷ ମାନଙ୍କର ଥାଏ ସେମାନେ ମର୍ତ୍ତ୍ୟଭୂମିରେ ଦେବତା ପରି କାର୍ଯ୍ୟ କରିଥାନ୍ତି ଓ ସେହିପରି ମହିଳାମାନେ ଦେବୀ ସଦୃଶା କର୍ତ୍ତବ୍ୟ ସଂପାଦନ କରିଥାନ୍ତି। ସେହିପରି ଜଣେ ମହିଳା ମଦର ଟେରେସା। ସେବା କରିବା ସହିତ ସେ ନିଜ ହୃଦୟର ସ୍ନେହମୟ କୋମଳବାଣୀରେ ରୋଗୀ ମନରେ ଆରୋଗ୍ୟ ଲାଭର ଆଶା ସଞ୍ଚାର କରିଥାନ୍ତି। ରୋଗୀର କଷ୍ଟ ଦେଖିଲେ ତାଙ୍କ ଆଖିରୁ ଅଶ୍ରୁ ଝରିପଡ଼େ।**

ଭଗବାନଙ୍କର ଦଳିତ ଅସ୍ପୃଶ୍ୟ ମାନଙ୍କ ପ୍ରତି ଅଧିକ ସ୍ନେହ, ଶ୍ରଦ୍ଧା ଓ କରୁଣା ଥାଏ ପ୍ରକୃତରେ ସେମାନେ ଭଗବାନଙ୍କର ସ୍ନେହାସ୍ପଦ। ସେଥିପାଇଁ ମହାତ୍ମାଗାନ୍ଧୀ ଅସହାୟ, ଅସ୍ପୃଶ୍ୟମାନଙ୍କୁ ଅତ୍ୟନ୍ତ ଭଲ ପାଉଥିବାରୁ ହରିଜନ ଆଖ୍ୟା ଦେଇଛନ୍ତି। ଦରିଦ୍ର ଅସହାୟମାନେ ଭଗବାନଙ୍କର ସ୍ନେହ ଓ କରୁଣାର ପାତ୍ର, ଶ୍ରଦ୍ଧା ଓ ଆଦରର ସନ୍ତାନ। ପିତାମାତାଙ୍କର ସନ୍ତାନ ସନ୍ତିତମାନେ ଜନ୍ମରୁ ଅନ୍ଧ ଓ ବଧିର ହୋଇଥିଲେ ସେମାନେ ପିତାମାତାଙ୍କ ଠାରୁ ଯେପରି ଅଧିକ ସ୍ନେହ ପାଇଥାନ୍ତି ସେହିପରି ଦରିଦ୍ର ନିସହାୟ ଓ ସମ୍ବଳହୀନ ମନୁଷ୍ୟ ଭଗବାନଙ୍କଠାରୁ ଅପାରକରୁଣା ପାଇଥାନ୍ତି। ଏହି ଦୁର୍ଗତ ଓ ଅସହାୟମାନଙ୍କୁ ଦରିଦ୍ର ନାରାୟଣ ବୋଲି କୁହାଯାଏ। ଏମାନଙ୍କ ସେବା ହିଁ ମାଧବ ସେବା। ଯୀଶୁଖ୍ରୀଷ୍ଟ କହିଛନ୍ତି 'ମାନବ ସେବା ହିଁ ଜୀବନର ଶ୍ରେଷ୍ଠ ଧର୍ମ।' ଆମ୍ଭମାନଙ୍କ ନିମନ୍ତେ ଓଡ଼ିଶା ଭାଷାରେ ବହୁ ମାନବସେବୀ ମହାପୁରୁଷ ଆବିର୍ଭାବ ହୋଇ ପୂଣ୍ୟ ସାଧନା ଓ ଆତ୍ମବଳୀର ନିଦର୍ଶନ ଦେଖାଇ ଦେଇ ଯାଇଛନ୍ତି। ଜନସେବା ପାଇଁ ମହାମୁନୀ ଦଧିଚୀ ନିଜ ଅସ୍ତିଦାନ କରିଥିଲେ। ଧର୍ମପଦଙ୍କ ଆତ୍ମତ୍ୟାଗର ଦୃଷ୍ଟାନ୍ତ ଆଜି ମଧ ଓଡ଼ିଶାର ଜନ ମାନସରେ ଅମର ହୋଇ ରହିଅଛି। ବେଦ ଯୁଗରେ ପର୍ଶୁରାମଙ୍କ ଜନନୀ ନିଜ ସ୍ୱାମୀ ଜମଦଗ୍ନିଙ୍କର ବାରଣ ସତ୍ତ୍ୱେ କୃଷ୍ଟରୋଗୀ ମାନଙ୍କର ଆରୋଗ୍ୟ ପାଇଁ ମନପ୍ରାଣ ଦେଇ ସେବା କରିଥିଲେ। ଏଥିପାଇଁ ଜମଦଗ୍ନି ସ୍ୱୀଙ୍କ ପ୍ରତି କ୍ରୋଧ ପକଟ କରିଥିଲେ। ଗାନ୍ଧିଜୀ ଦେଶବାସୀଙ୍କ ପାଇଁ ସ୍ୱାଧୀନତା ଆଣିବାକୁ ଆନ୍ଦୋଳନ କରି ବହୁବାର କାରାବରଣ କରିଥିଲେ। ସେ ମାନବ ସେବାକୁ ଜୀବନର ମୂଳମନ୍ତ୍ର ଭାବରେ ଗ୍ରହଣ କରିଥିଲେ। ଜାତି, ଧର୍ମ ନିର୍ବିଶେଷରେ ସେ ସମସ୍ତଙ୍କୁ ସମାନ ଭାବରେ ଆଦର କରୁଥିଲେ। ମହାତ୍ମାଜୀ ଭାରତର ଅସ୍ପୃଶ୍ୟତା ନିବାରଣ ପାଇଁ ଦୃଢ଼ତାର ସହ ଚେଷ୍ଟା କରିଥିଲେ ଓ ସେହି କାର୍ଯ୍ୟରେ କୃତକାର୍ଯ୍ୟ ହୋଇଥିଲେ। ଯୀଶୁଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇ ମଧ ମାନବ ସେବାରେ ନିଜକୁ ନିୟୋଜିତ କରି ଯଶ ଓ ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି। ଜନ ସେବା ଏକ ପୂଣ୍ୟ କାର୍ଯ୍ୟ ବୋଲି ଧର୍ମଶାସ୍ତ୍ର ପ୍ରମାଣିତ କରିଅଛି। ଦୟା ଓ ସେବା ମନୋଭାବ ନରହିଲେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବା ସମ୍ଭବ ହୋଇନଥାଏ। ଏଣୁ ନିଜର ହୃଦୟକୁ ଉଦାର ପବିତ୍ର ଓ ମହାନ ଭାବଧାରାରେ ରସାଣିତ କରି ମାନବ ସେବାରେ ବ୍ରତି ହେବା ଉଚିତ।

ସମ୍ବଳହୀନ ପୀଡ଼ିତ ମାନଙ୍କର ସେବା କରିବା ପ୍ରବୃତ୍ତି ଏକ ଦେବ ସୁଲଭ ଗୁଣ। ଏହି ପ୍ରବୃତ୍ତି ଯେଉଁ ପୁରୁଷ ମାନଙ୍କର ଥାଏ ସେମାନେ ମର୍ତ୍ତ୍ୟଭୂମିରେ ଦେବତା ପରି କାର୍ଯ୍ୟ କରିଥାନ୍ତି ଓ ସେହିପରି ମହିଳାମାନେ ଦେବୀ ସଦୃଶା କର୍ତ୍ତବ୍ୟ ସଂପାଦନ କରିଥାନ୍ତି। ସେହିପରି ଜଣେ ମହିଳା ମଦର ଟେରେସା। ସେବା କରିବା ସହିତ ସେ ନିଜ ହୃଦୟର ସ୍ନେହମୟ କୋମଳବାଣୀରେ ରୋଗୀ ମନରେ ଆରୋଗ୍ୟ ଲାଭର ଆଶା ସଞ୍ଚାର କରିଥାନ୍ତି। ରୋଗୀର କଷ୍ଟ ଦେଖିଲେ ତାଙ୍କ ଆଖିରୁ ଅଶ୍ରୁ ଝରିପଡ଼େ। ରୋଗୀର ଶରୀରରେ ହୋଇଥିବା କ୍ଷତ ସ୍ଥାନ ଗୁଡ଼ିକୁ ଦେଖି ତିଳେମାତ୍ର ଘୃଣା ନକରି ମନ ପ୍ରାଣ ଦେଇ ସେବା କରନ୍ତି। ରୋଗୀ ମାନଙ୍କ ପ୍ରତି ତାଙ୍କର ସହାନୁଭୂତି ଓ ସମ୍ବେଦନଶୀଳତା ଅନନ୍ୟ ସାଧାରଣ। ଅସହାୟ ଓ ଦୁଃସ୍ଥ ମାନଙ୍କର ସେବାରତ ମଦରଟେରେସାଙ୍କୁ ସେବା ଶୁଶ୍ରୁସାର ଅବତାର ବୋଲି ମନେ ହୁଏ। ମଦରଟେରେସା ଦେବୀ ସୁଲଭ ଗୁଣରେ ବିଭୂଷିତା ହୋଇ ମର୍ତ୍ତ୍ୟଭୂମିରେ ଆବିର୍ଭାବ ହୋଇଥିବାରୁ ତାଙ୍କୁ ମାତୃ ରୂପିଣୀ ମଦରଟେରେସା ଭାବରେ ଆଖ୍ୟାୟିତ କରାଯାଇଅଛି। ଭାରତ ସରକାର ୧୯୬୮ ମସିହାରେ ମଦର ଟେରେସାଙ୍କୁ ଅସାଧାରଣ ସେବା କାର୍ଯ୍ୟ ପାଇଁ ପଦ୍ମଶ୍ରୀ ଉପାଧିରେ ମଣ୍ଡିତ କରିଛନ୍ତି। ୧୯୭୯ ମସିହାରେ ଶାନ୍ତି ଓ ଦୁଃସ୍ଥ ସେବା ପାଇଁ ତାଙ୍କୁ ବିଶ୍ୱପ୍ରସିଦ୍ଧ ନୋବେଲ ପୁରସ୍କାର ପ୍ରଦାନ କରାଯାଇଅଛି।

ଜନସେବା ନକରି କେହି କେବେ ଉଚ୍ଚସ୍ତରକୁ ଯାଇନାହାନ୍ତି କିମ୍ବା ମହାପୁରୁଷର ଆଖ୍ୟା ପାଇନାହାନ୍ତି। ଏଥିରୁ ପ୍ରତୀୟମାନ ହୁଏ ଯେ ଦେଶ ଓ ଜାତି ପାଇଁ କାର୍ଯ୍ୟ କରୁଥିବା ମହତ ପୁରୁଷ ହେବାର ମୂଳରେ ମାନବ ସେବା ବିଦ୍ୟମାନ ରହିଅଛି। ଜର୍ମାନ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ମାନବ ସେବା ବିଷୟରେ ଉଲ୍ଲେଖ କରିବା ଏଠାରେ ପ୍ରାସଙ୍ଗିକ ହେବ। ଅଧ୍ୟାପକ ଆଲବର୍ଟ ସ୍ୱାୟେତସର ମାନବ ସେବା ପାଇଁ ନିଜର ଚାକିରୀକୁ ପରିତ୍ୟାଗ କରି ଯେଉଁ ଦୃଢ଼ ପଦକ୍ଷେପ ନେଇ ରୋଗୀ ସେବା ଉଦ୍ଦେଶ୍ୟରେ ପ୍ରତିଜ୍ଞାବଦ୍ଧ ହୋଇପାରିଛନ୍ତି। ତାହା ହିଁ ଜନତା ଜନାର୍ଦ୍ଦନ ସେବା ଅଟେ। ସ୍ୱାୟେତସର ଜନସେବା ବିଶେଷ କରି ରୋଗୀମାନଙ୍କ ସେବା କରିବାର ସୁଯୋଗ ଲାଭ କରିବା ଉଦ୍ଦେଶ୍ୟରେ ଡାକ୍ତରୀ ବିଦ୍ୟା ଅଧୟନ କଲେ ଓ ନିଜର ସ୍ତ୍ରୀଙ୍କୁ ସେବିକା କାର୍ଯ୍ୟ ସଂପାଦନ କରିବା ପାଇଁ ଶିକ୍ଷା ଲାଭ କରିବାକୁ ଅନୁମତି ଦେଇଥିଲେ। ଉଭୟ ଶିକ୍ଷା ଶେଷ ହେବା ପରେ ସ୍ୱାୟେତସର ପତ୍ନୀଙ୍କ ସହ ଆଫ୍ରିକାର ଲାମ୍ବାରନ ନାମକ ସ୍ଥାନରେ ଏକ ଡାକ୍ତରଖାନା ପ୍ରତିଷ୍ଠା କରିଥିଲେ। ଡାକ୍ତରଖାନା ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ ରୋଗୀମାନଙ୍କୁ ସେବା ଆରମ୍ଭ କରିବା ସମୟରେ ସେ ନିଜକୁ ଧନ୍ୟ ମନେ କରିଥିଲେ। ତାଙ୍କର ପ୍ରବଳ ଇଚ୍ଛାଶକ୍ତି ଓ ଦୃଢ଼ ପ୍ରଚେଷ୍ଟା ବଳରେ ନିଜର ପତ୍ନୀ ସହାୟତାରେ ଡାକ୍ତରଖାନା ଚଳାଇଥିଲେ। କୁଷ୍ଟରୋଗୀ ମାନଙ୍କ ସେବା କରିବାକୁ ସେ ତିଳେମାତ୍ର ଅବହେଳା କରିନଥିଲେ। ରୋଗୀମାନଙ୍କର ବିଭତ୍ସ କ୍ଷତମାନ ନିର୍ବିକାର ଭାବରେ ସଫାକରି ତହିଁରେ ଔଷଧ ପ୍ରୟୋଗ କରିବା ଓ ସେମାନଙ୍କୁ ଆଶ୍ୱାସନା ଦେବା ସହିତ କୁଷ୍ଟରୋଗୀମାନଙ୍କୁ ଆରୋଗ୍ୟ କରାଇ ପାରିଥିଲେ। ଏହି ସେବା ଅନୁଷ୍ଠାନ ଚଳାଇବା ପାଇଁ ଅର୍ଥାଭାବ ହେବାରୁ ସ୍ୱାୟେତସରଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା, କିନ୍ତୁ ଏଥିପାଇଁ ସେ ଭ୍ରୂକ୍ଷେପ କରି ନେଇଥିଲେ। ତାଙ୍କର ନିଷ୍ଠା, ଦୃଢ଼ତା ଓ ମାନବ ସେବାର ଆଗ୍ରହ ଯୋଗୁଁ ସେ କୌଣସି କଷ୍ଟସାଧ କାର୍ଯ୍ୟ କରିବାକୁ ପଛେଇ ନଥିଲେ। ଅବହେଳିତ ଓ ଅସହାୟ ବ୍ୟକ୍ତିଙ୍କ ସେବା କରି ସେମାନଙ୍କୁ ଆରୋଗ୍ୟ କରାଇବା ଥିଲା ତାଙ୍କ ଜୀବନର ପରମ ଲକ୍ଷ୍ୟ। ସ୍ୱାୟେତସାର ଜଣେ ନିସ୍ୱାର୍ଥପର ଏବଂ ପରାର୍ଥପର ଜନସେବୀ ଥିଲେ। କର୍ମ କରି ଫଳ ଆଶା କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା। ସାଧାରଣ ମନୁଷ୍ୟକୁ ଭଲ ପାଇବା ଥିଲା ତାଙ୍କର ପ୍ରବୃତ୍ତି ଓ ଦେବ ସୁଲଭ ଗୁଣ। ଆଲବର୍ଟ ସ୍ୱାୟେତସାର ମାନବ ସେବା ପାଇଁ ପୃଥିବୀ ପ୍ରସିଦ୍ଧ ନୋବେଲ ପୁରସ୍କାର ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଲକ୍ଷାଧିକ ଟଙ୍କାର ଏହି ପୁରସ୍କାର ସେ ନିଜେ ଗଢ଼ିଥିବା ସେବାନୁଷ୍ଠାନର ଉନ୍ନତି ପାଇଁ ଦାନ କରିଥିଲେ। ବିଭିନ୍ନ ସମୟରେ ପୃଥିବୀରେ ଏହିପରି ବହୁ ଜନସେବକ ଆବିର୍ଭୂତ ହୋଇ ଧରାପୃଷ୍ଠରେ ସ୍ୱର୍ଗ ସୃଷ୍ଟି କରିଯାଇଛନ୍ତି।


❤ ସେକ୍ଟର-୯, ସିଡିଏ, କଟକ, ମୋ: ୯୯୩୭୨୨୪୦୮୫


# ଜଙ୍ଗଲ ନିଆଁ

## ଗିରିଧାରୀ ସାମଲ



**ଜଙ୍ଗଲ ନିଆଁର କାରଣ ସମ୍ବନ୍ଧରେ ବିଭିନ୍ନ କଥା କୁହାଯାଉଛି, ଯାହା ଭିତରୁ ଗୋଟିଏ ହେଲା ଏହା ପରିକଳ୍ପିତ ଏବଂ ଏହା ପଛରେ ଜଙ୍ଗଲ ମାଫିଆ ଏବଂ ବନ ବିଭାଗର କର୍ମଚାରୀଙ୍କ ସଲାସୁତୁରା କାମ କରୁଛି। କୁହାଯାଉଛି ଯେ ଏହାଦ୍ୱାରା ଜଙ୍ଗଲ ପଦା ହେବାର ବାଟ ଫିଟୁଛି ଯାହା ପ୍ରକାରାନ୍ତରେ ପ୍ରଭାବଶାଳୀ ଜମି ଦଲାଲ ଓ ବିଲଡରମାନଙ୍କୁ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର ଲାଗି ସାହାଯ୍ୟ କରିବ। ତେବେ ଆମ ରାଜ୍ୟରେ ଜଙ୍ଗଲ ନିଆଁ ମୁଖ୍ୟତଃ ଅସାବଧାନତା, ପୋଡୁଚାଷ କରିବା ପ୍ରତି ଜନଜାତି ବର୍ଗଙ୍କ ଉଦ୍ୟମ ଯୋଗୁ ହେଉଛି ବୋଲି କୁହାଯାଉଛି।**

ଜଙ୍ଗଲ ନିଆଁ ସଂପ୍ରତି ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କଲାଣି। ଉତ୍ତରାଖଣ୍ଡରେ ଲାଗିଥିବା ଜଙ୍ଗଲ ନିଆଁକୁ ତ ଆମ ସମୟର ଅନ୍ୟତମ ସବୁଠାରୁ ଭୟାବହ ପରିବେଶ ବିପତ୍ତି ବୋଲି କୁହାଯାଉଛି। ଅବଶ୍ୟ ଆଶ୍ୱାସନାର କଥା ହେଲା, ସ୍ଥଳସେନା, ବାୟୁସେନା, ଅଗ୍ନି ପ୍ରଶମନ ବିଭାଗ ତଥା ପୁଲିସବାହିନୀର ଅକ୍ଳାନ୍ତ ପରିଶ୍ରମ ବଳରେ ଏହି ଭୟାବହ ନିଆଁକୁ ପ୍ରଶମିତ କରିପାରିଛନ୍ତି। ଏହି ନିଆଁ ଜାମ୍ମୁ-କାଶ୍ମୀରକୁ ବ୍ୟାପିଛି, ଏହାଦ୍ୱାରା ହିମାଳୟର ହିମବାହ ତରଳିବାର ଆଶଙ୍କା ମଧ ଦେଖାଦେଇଛି। ରାଜସ୍ଥାନର ୧୨,୦୦୦ ହେକ୍ଟର ପରିମିତ ରାଜାଜି ବ୍ୟାଘ୍ର ଅଭୟାରଣ୍ୟ ଏହି ନିଆଁର ଆଁରେ ଭସ୍ମୀଭୂତ ହୋଇଯାଇଛି। ଏଇ ମର୍ମରେ ଏବେ ଜଙ୍ଗଲ ନିଆଁକୁ ନେଇ ନୂଆ ଭାବେ ଚିନ୍ତା କରିବାର ସମୟ ଆସିଛି। ଆମ ରାଜ୍ୟରେ ବି ଏ ବର୍ଷ ଜଙ୍ଗଲ ନିଆଁର ବିଭୀଷିକା ଭୟାବହ ହୋଇଛି। ଏ ବର୍ଷ ୧୬୦୦୦ ହେକ୍ଟର ପରିମିତ ଜଙ୍ଗଲ ନିଆଁରେ ଭସ୍ମୀଭୂତ ହୋଇଯାଇଛି। ତଥ୍ୟାନୁସାରେ ଗତ ସାତ ବର୍ଷ ଭିତରେ ଆମ ରାଜ୍ୟରେ ୭୦୭୮ ହେକ୍ଟର ପରିମିତ ଅଞ୍ଚଳର ଜଙ୍ଗଲ ନିଆଁରେ ଧ୍ୱଂସ ହୋଇଛି। ଏହାଦ୍ୱାରା କେବଳ ଯେ ଲକ୍ଷ ଲକ୍ଷ ସଂଖ୍ୟାରେ ବୃକ୍ଷ ସଂପଦ ନଷ୍ଟ ହେଉଛି ତାହା ନୁହେଁ, ଜୀବଜନ୍ତୁ ମୃତ୍ୟୁମୁଖରେ ପଡ଼ିଛନ୍ତି ଏବଂ କିଛି ଆଦିବାସୀ ଗାଁ ବି ବିଧ୍ୱସ୍ତ ହୋଇଛି।

ଜଙ୍ଗଲ ନିଆଁର କାରଣ ସମ୍ବନ୍ଧରେ ବିଭିନ୍ନ କଥା କୁହାଯାଉଛି, ଯାହା ଭିତରୁ ଗୋଟିଏ ହେଲା ଏହା ପରିକଳ୍ପିତ ଏବଂ ଏହା ପଛରେ ଜଙ୍ଗଲ ମାଫିଆ ଏବଂ ବନ ବିଭାଗର କର୍ମଚାରୀଙ୍କ ସଲାସୁତୁରା କାମ କରୁଛି। କୁହାଯାଉଛି ଯେ ଏହାଦ୍ୱାରା ଜଙ୍ଗଲ ପଦା ହେବାର ବାଟ ଫିଟୁଛି ଯାହା ପ୍ରକାରାନ୍ତରେ ପ୍ରଭାବଶାଳୀ ଜମି ଦଲାଲ ଓ ବିଲଡରମାନଙ୍କୁ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର ଲାଗି ସାହାଯ୍ୟ କରିବ। ତେବେ ଆମ ରାଜ୍ୟରେ ଜଙ୍ଗଲ ନିଆଁ ମୁଖ୍ୟତଃ ଅସାବଧାନତା, ପୋଡୁଚାଷ କରିବା ପ୍ରତି ଜନଜାତି ବର୍ଗଙ୍କ ଉଦ୍ୟମ ଯୋଗୁ ହେଉଛି ବୋଲି କୁହାଯାଉଛି। ପୁଣି ଏ ବର୍ଷର ଶୁଷ୍କ ଜଳବାୟୁ, ଜଳହୀନତା ଜଙ୍ଗଲ ନିଆଁ ବ୍ୟାପିବାକୁ ସାହାଯ୍ୟ କରିଛି। ଯଦିଓ ବ୍ୟାପକ ବନୀକରଣ ଦ୍ୱାରା ଜଳିପୋଡ଼ି ଯାଇଥିବା ବନ ସଂପଦର ଭରଣା ପାଇଁ ଉଦ୍ୟମ କରାଯାଉଛି, ପ୍ରକୃତରେ ପ୍ରାକୃତିକ ଜଙ୍ଗଲର କ୍ଷତି ଭରଣା ଲାଗି ତାହା ଯେ ଆଦୌ ଯଥେଷ୍ଟ ନୁହେଁ, ତାହା କହିବା ବାହୁଲ୍ୟ ମାତ୍ର। ସବୁଠାରୁ ବଡ଼ ଉଦ୍‌ବେଗର ବିଷୟ ହେଲା, ଏକ ପରିବେଶଗତ ବିପତ୍ତିକୁ ସାଧାରଣରେ ଏକ ବିଚାର ଭାବେ ଗ୍ରହଣ କରି ଆମ୍ଭମାନଙ୍କ ଭିତରେ ସେତେଟା ସଚେତନତା ନାହିଁ। ବର୍ତ୍ତମାନ ନୂଆବର୍ଷ ପାଇଁ ଅନେକଆଡ଼େ ପିକ୍‌ନିକ୍ କରିବା ସମୟରେ ଆମ୍ଭେମାନେ ପାରିପାର୍ଶ୍ୱିକ ଗଛ ଓ ପରିବେଶକୁ ଚିନ୍ତା ନକରି ଖାମ୍‌ଖିଆଲି ଭାବେ ଚୁଲି ନିଆଁକୁ ଲିଭାଇ ନଥାଉ ଯାହାକି ବେଳେବେଳେ ଜଙ୍ଗଲ ନିଆଁର କାରଣ ପାଲଟିଥାଏ। ଜଙ୍ଗଲ ନିଆଁ ଦ୍ୱାରା ପରିବେଶ ସହ ବୃକ୍ଷଜଗତ, ପ୍ରାଣୀ ଓ ଜୀବଜନ୍ତୁ କ୍ଷତିଗ୍ରସ୍ତ ହୋଇଥାନ୍ତି। ଅନେକ ହୁଏତ ଭୁଲିଯାଇଥାନ୍ତି ଯେ ଆମ ଜୀବନର ମୁଖ୍ୟ ଅବଲମ୍ବନ କୁହାଯାଉଥିବା ଅମ୍ଳଜାନ ମଧ ବିଷାକ୍ତ ହୋଇଥାଏ। ଏସବୁ ସତ୍ତ୍ୱେ ଆମ୍ଭମାନଙ୍କ ଭିତରେ ଯଦିଓ ସଚେତନତା ବୃଦ୍ଧି ପାଉଛି ତଥାପି ତାହା ଯଥେଷ୍ଟ ହେଉନାହିଁ। ସରକାର ଓ ପ୍ରଶାସନ ଉପରେ ଏ ନେଇ ସବୁବେଳେ ଦୋଷାରୋପ କଲେ ଚଳିବ ନାହିଁ। ବ୍ୟାପକ ବୃକ୍ଷରୋପଣ ସହ ବୃକ୍ଷର ସଂରକ୍ଷଣ ଓ ଜଙ୍ଗଲ ନିଆଁକୁ ଆୟତ୍ତ ପାଇଁ ବିଭିନ୍ନ ଯୋଜନାରେ ଆମ୍ଭମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଙ୍ଗଲ ନିଆଁ ବ୍ୟାପୁଥିବା ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ସରକାରଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷା ବାହିନୀ ଗଠନ କରି ଉଦ୍ୟମ କରିବା ଉଚିତ। ଜଙ୍ଗଲ ନିଆଁକୁ ଏକ ଭୟାବହ ବିପତ୍ତି ଭାବେ ଗ୍ରହଣ କରି ତାର ନିରାକରଣ ଲାଗି ଉଦ୍ୟମ କରିବାକୁ ହେବ।


❤ ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ମୋ: ୯୪୩୭୪୫୦୧୧୪





## ଅଳିକ ଜୀବନ

### ଦିବାକର ନାୟକ



ସେଇ ଆକାଶରୁ ଏ ସାରା ପୃଥିବୀ
ତୁମର ତୁମର ଦୁନିଆ କହେ
ଆୟୁଷ କଳସ ଖାଲି ହୋଇଗଲେ
ଦେହରେ ଜୀବନ ଆଉ କି ରହେ ।

ଆଗରେ ପଛରେ ଦେହରକ୍ଷୀ କେତେ
କାୟା ଛାୟା ସମ ଥାଆନ୍ତି ଘେରି
କୁକରମ ପଲା ଭାରି ହୋଇଗଲେ
ଧୋକା ଦେଇଥାଏ ଆପଣା ଛୁରି

ସୁନାର ମୁକୁଟ ଦାନ ଦେଇ ଦେଲେ
ପାପର ଆଇନା ସଫା କି ହୁଏ..
ସେଇ ଆକାଶରୁ ଏ ସାରା ପୃଥିବୀ
ତୁମର ତୁମର ଦୁନିଆ କହେ ।

ଜନମ ଥିଲେ ତ ମରଣ ବି ଥାଏ
କିଏ ନ ଜାଣିଛି ଅକାଟ ସତ
ଭଲ ମନ୍ଦ କଥା କୋକେଇ ଆଗରୁ
ଦୁନିଆକୁ ମିଳି ଯାଏ ସଂକେତ

ଲକ୍ଷେ ରଥ ଘୋଡ଼ା ସବୁ ଅକାରଣ
ଛ ଖଣ୍ଡ କାଠରେ ଏ ଦେହ ଯାଏ..
ସେଇ ଆକାଶରୁ ଏ ସାରା ପୃଥିବୀ
ତୁମର ତୁମର ଦୁନିଆ କହେ ।


❤ ପାଟପୁର, କନିସି
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


## ଛୋଟରୁ ବଡ଼

### ସୂର୍ଯ୍ୟମଣି ପଥାଳ



ଛୋଟରୁ ନ ମଣିବ ହୀନ
ଛୋଟରେ ଲୁଚିଛି ଯିଏ
ଦେବତା ସମାନ ।

ଛୋଟ ବିନ୍ଦୁଟିଏ ଯାର
ରୂପରେଖ ନାହିଁ,
ମାତା ଗର୍ଭେ ଥାଇ,
ରାମ ନାମ ଗାଇ,
ମହାମାନବ ରୂପରେ ଜନମ ଲଭଇ ।

ଛୋଟ ଗଛଟିର ମୂଳେ ପାଣି ଦେଲେ
ଡାଳ ସେ ମେଲାଇ ଥାଏ
ଏକ ଏକ କରି ପଇସା ରଖିଲେ
ଶହେ ଟଙ୍କା ଦିନେ ହୁଏ ।

ଛୋଟ ଝରଣାଟି କୁଳୁ କୁଳୁ ହୋଇ
ମହାନଦୀ ପରି ଦିଶେ
ଛୋଟ ଚାନ୍ଦଟିଏ ଦିନୁ ଦିନୁ ବଢ଼ି
ଜହ୍ନ ରୂପ ହୋଇ ହସେ ।

ମାଆ କ୍ଷୀର ଖାଇ ବଡ଼ ମଣିଷ ଯେ
ଛୋଟ ପିଲା ଦିନେ ଥାଏ
ସାନ ଦେହ ଦ୍ୱାରା ବଡ଼ କାମ କରି
ଦ୍ରୌପଦୀ ମୁର୍ମୁ ସେ ହୁଏ ।

ଛୋଟ ଛୋଟ ଇଟା ମିଶି କରି ହୁଏ
ବଡ଼ କୋଠାଘର ଠିଆ
ଛୋଟ ଛୋଟ ଶିଶୁ ବଡ଼ ହୋଇ ଦିନେ
ଗଢ଼ନ୍ତି ନୂଆ ଦୁନିଆ
ଛୋଟ ବୋଲି ନିଜେ
ଭାବିବନି କେବେ
ବିଶ୍ୱ କର୍ତ୍ତାଙ୍କର ପୁଅ
ପରମାଣୁ ଠାରୁ କେଡ଼େ ଶକ୍ତି ଅଛି
ଥରେ ଖାଲି ଭାବି ଦିଅ ।


❤ ବଳରାମପୁର, ରାଜକନିକା,
ଓଳାଭର, କେନ୍ଦ୍ରାପଡା
ମୋ: ୭୨୦୫୩୫୬୬୭୫


## ମନ

### ସୁରେନ୍ଦ୍ର ନାଥ ସାହୁ



ମନ ହିଁ ମନର ଶତ୍ରୁଟିଏ ଅଟେ
ମନ ହିଁ ମନର ମିତ୍ର
ମନର ଚଷମା ଯେଉଁ ରଙ୍ଗ ରଚେ
ସେ ରଙ୍ଗ ଦିଶେ ସର୍ବତ୍ର।
ମନ ଜାଣେ ମନ
ମନ ଜିଣେ ମନ
ମନର ନଥାଏ ଗୋତ୍ର।
ମନ ହାଣେ
ମନ ବଞ୍ଚାଏ
ମନ ସଂସାର ବଡ ବିଚିତ୍ର।
ମନ ମନକୁ ମାରି ପାରଇ
ମନ ତାରି ପାରଇ ମନକୁ
ମନ ଗଢେ ଓ କେତେ ଉଜାଡେ।
ମନ ବେଳେ ବେଳେ ସ୍ୱୟଂ ମରିଯାଏ
ହୃଦୟ ବିକନ୍ଦି ଉହାଡେ।
ମନ ରାଇଜର ରାଜାଅଟେ ମନ
ଥାଏ ତାହାରି ବିଶେଷ ତନ୍ତ୍ର
ମନକୁ ସହଜେ ବୁଝି ବି ହୁଏନା
ଅଜବ ତା'ର ଚରିତ୍ର।
ମନ ବି ମନକୁ ଅନ୍ଧାରେ ବୁଲୁଥାଏ
କେବେ ଅନ୍ଧାରେ ଖୋଜେ ଦୀପକ
ମନ ଦୃଢଥିଲେ ଅସାଧ ସାଧିହୁଏ
ରଚି ହୁଏ ବିରଳ ସନ୍ତକ।
ମନ ଥାଇ ବି ଦେଖି ହୁଏନା
ମନକୁ ଦେଖି ବି ବୁଝି ହୁଏନା
ମନ କେତେ ବେଳେ କେଉଁ ରୂପନିଏ
ମନକୁ ହିଁ ଏକା ଜଣା।
ମନ ବାଆଁରା ମନ କୁଆଁରା
ମନର ଶାସନ ବଡ଼ ନିଆରା
ମନ କେଉଁଠି ଅଙ୍କୁଶିତ ହସ୍ତୀ
କେବେ ମୁକ୍ତ ଆକାଶର ପାରା।
ମନରୁ ମନୁଆଁ ମନ ଅମାନିଆ
ମନ ମାନେନା ଦୁନିଆଁ।
ମନ ବେଳେ ବେଳେ
ଏମିତି କାମ କରେ
ହୋଇ ଯାଆନ୍ତି ସର୍ବେ ଛାନିଆ।
ମନ ନିରବ ନାଗର
ମନ ଉପୃାତି ଏକ ବର ।
ମନ ଶାନ୍ତିର ସଂସାର
ମନ ସଜାଡି ପାରେ ଭଙ୍ଗା ଘର ।
ମନ ଏକ ପଥ ମନ ଏକ ପଥିକ
ମନ ସଦା ଗତିଶୀଳ ରଥ।
ମନ ବି ବେଳେ ବେଳେ
ବରି ଆଣେ ଗର୍ତ୍ତ
ଛାଏଁ ପଡି ହୁଅଇ କ୍ଷତବିକ୍ଷତ।
ମନ ଜଳେ, ମନ ଜଳାଏ
ମନ ବଳାଇ ଦିଏ ମନ ଛଡାଇ ନିଏ।
ମନ ମୋହେ ମନ ପ୍ରତାରଣା ଦିଏ
ମନ ମନ ଦେଇ ପ୍ରେମ କରେ
ମନ ମନ ଭରି ରକ୍ତ ପିଇ
ଜୀବନ ମଧ ଛଡାଇ ନିଏ।
ମନ ହିଂସକ ଆଉ
ପ୍ରତିଶୋଧ ପରାୟଣ
ବିନାଶର ସିଧା ସଡକଟିଏ।
ମନ ଅହିଂସକ ହେଲେ
ଶାନ୍ତୀ ମୈତ୍ରୀ ପ୍ରୀତି
ସମ୍ବେଦନା ଓ ସୌହାର୍ଦ୍ଦତା ବଢେ
ମାନବ ଭିତରେ
ଦେବତ୍ୱର ଦର୍ଶନ କରାଏ।


❤ କଳମ୍ବ (ଡିହସାହି),
ପୋଲସରା, ଗଞ୍ଜାମ- ୭୬୧୧୦୫
ମୋ:-୮୧୨୮୯୧୯୨୫୬



# ଅସୁବିଧାର ସମ୍ମୁଖୀନ ହୋଇ ମୁମ୍ବାଇ ପୁଲିସର ସାହାଯ୍ୟ ଲୋଡିଲେ ଆଲିଆ

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ନେଇ ଏକ ଖବର ସାମ୍ନାକୁ ଆସିଛି । ଆଲିଆ ଗତ ମଙ୍ଗଳବାର ସନ୍ଧ୍ୟାରେ ନିଜ ଫଟୋକୁ ନେଇ ଏକ ପୋଷ୍ଟ ସେୟାର କରିଥିଲେ । ଏଥିରେ ସେ ଘରେ ବସିଥିବା ଦେଖିବାକୁ ମିଳିଥିଲା ।

ଆଲିଆ ଏହି ଫଟୋ ସେୟାର କରି ଲେଖିଥିଲେ ଯେ, ମୁଁ ଘରେ ଆରାମରେ ବସି ବିଶ୍ରାମ ନେଉଥିଲି । ଏହି ସମୟରେ ମୋର ନଜର ପଡ଼ିଲା କି ଅନ୍ୟ ଏକ କୋଠର ଛାତରୁ ଛିଡା ହୋଇ କିଛି ଅଜଣା ଲୋକ ମୋର ଫଟୋ ଉଠାଉଛନ୍ତି । କେବଳ ଏତିକି ନୁହେଁ, ଏହି ଫଟୋକୁ ଏକ ୱେବସାଇଟରେ ମଧ୍ୟ ସେୟାର କରାଯାଇଥିବା ମୁଁ ଦେଖିବାକୁ ପାଇଥିଲି ।'

ଆଲିଆ ମୁମ୍ବାଇ ପୁଲିସକୁ ଟ୍ୟାଗ କରି ଲେଖିଥିଲେ, 'ଏବେ ସେଲିବ୍ରିଟିମାନେ କ'ଣ ନିଜ ଘରେ ବି ସୁରକ୍ଷିତ ଭାବେ ରହି ପାରିବେ ନାହିଁ । କାରଣ ଅଜଣା ଲୋକମାନେ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ଜୀବନରେ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି ।'

ଏହି ଘଟଣାକୁ ନେଇ ବାନ୍ଦ୍ରା ପୁଲିସ ଆଲିଆ ଭଟ୍ଟଙ୍କ ସହିତ ଯୋଗାଯୋଗ କରିଥିଲେ । ତେବେ ଆଲିଆ ଓ ପୁଲିସଙ୍କ ମଧ୍ୟରେ ଏହି କଥାବର୍ତ୍ତା ଫୋନରେ ହୋଇଥିବା ସୂଚନା ରହିଛି । କୁହାଯାଉଛି କି ଆଲିଆ ଆଗକୁ ଯାଇ ଉକ୍ତ ଅଜଣାଲୋକଙ୍କ ବିରୋଧରେ ଆକସନ ନେଇ ପାରନ୍ତି । ପୁଲିସ ନିକଟରେ ଦ୍ୱିତୀୟଥର ଅଭିଯୋଗ ବି କରି ପାରନ୍ତି ।

ସୋସିଆଲ ମିଡଆରେ ଆଲିଆଙ୍କ ଏଭଳି ପୋଷ୍ଟ ପରେ ତାତି ଦେଖା ଦେଇଛି । ଅନେକ ସେଲିବ୍ରିଟି ଆଲିଆଙ୍କ ବ୍ୟକ୍ତିଗତ ଫଟୋ ସେୟାର କରିଥିବା ୱେବସାଇଟକୁ ଯାଇ ନିଜନିଜ ପ୍ରତିକ୍ରିୟା ଦେଇଛନ୍ତି । ତେବେ ଏ ପ୍ରସଙ୍ଗରେ ଆଲିଆଙ୍କ ସମର୍ଥନରେ ଅଭିନେତ୍ରୀ ଅନୁଷ୍କା ଶର୍ମା, ମିନି ମାଥୁର, ଅଭିନେତା ଅର୍ଜୁନ କପୁର, କରଣ ଜୋହର ତଥା ଅନେକ ସେଲିବ୍ରିଟିମାନେ ଅଜଣାଲୋକ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ଜୀବନରେ ପ୍ରବେଶ କରୁଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ନନ୍ଦିନୀ କ'ଣ ବନ୍ଦିନୀ ? କାହିଁକି ଜସ୍ମିନ୍ ଭାଙ୍ଗୁଛି ଶୁଭମ୍-ନନ୍ଦିନୀଙ୍କ ବିବାହ ?



ଜୀ-ସାର୍ଥକରେ ପ୍ରଦର୍ଶିତ ହୋଇଛି ଓଡ଼ିଆ ଛବି ନନ୍ଦିନୀ । ଭଉଣୀ ବାହାଘର ପାଇଁ ଆସୁଥିବା ନାୟିକା ନନ୍ଦିନୀକୁ ଖଳନାୟକ ଭୂମିକାରେ ଥିବା ବବି ମିଶ୍ର ଆକ୍ରମଣ କରୁଛନ୍ତି । ଏତିକିବେଳେ ଭିତରକୁ ପ୍ରବେଶ କରୁଛନ୍ତି କାହାଣୀର ନାୟକ ଶୁଭମ୍ । ସେ ନନ୍ଦିନୀକୁ ଗୁଣ୍ଡାମାନଙ୍କ କବଳରୁ ଉଦ୍ଧାର କରୁଛନ୍ତି । ସମୟକ୍ରମେ ଶୁଭମ୍ ଓ ନନ୍ଦିନୀଙ୍କ ଭିତରେ ଗଢ଼ିଉଠୁଛି ପ୍ରେମ ସମ୍ପର୍କ । ଶୁଭମ୍‌ର ପରିବାର ଏ ଦୁହିଁଙ୍କୁ ବିବାହ ବନ୍ଧନରେ ବାନ୍ଧିବାକୁ ପ୍ରସ୍ତୁତ ହେଲାବେଳେ କାହାଣୀରେ ଆସୁଛି ଏକ ଭିନ୍ନ ମୋଡ଼ । ବିବାହ ବେଳେ ପ୍ରବେଶ କରୁଛି ଶୁଭମ୍‌ର ପ୍ରଥମ ପ୍ରେମିକା ଜସ୍ମିନ୍ । ଜସ୍ମିନ୍‌ର ଚକ୍ରାନ୍ତ ପରିବାର ସଦସ୍ୟଙ୍କ ହୃଦୟକୁ ଭାଙ୍ଗିଦେଉଛି, ସେମାନେ ନନ୍ଦିନୀକୁ ଘରୁ ବାହାର କରିଦେଉଛନ୍ତି । ପୂର୍ବରୁ ନନ୍ଦିନୀ ଜେଲରେ କାହିଁକି ଥିଲା ? ଏହାଛଡ଼ା ନନ୍ଦିନୀଙ୍କ ସହିତ ଆଗକୁ କ'ଣ ଘଟିବାକୁ ଯାଉଛି ? ନନ୍ଦିନୀ କ'ଣ ପ୍ରକୃତରେ ବନ୍ଦିନୀ ? ଏ ସମସ୍ତ ପ୍ରଶ୍ନର ଉତ୍ତର କାହାଣୀର କ୍ଲାଇମାକ୍ସରେ ଦେଖିବାକୁ ମିଳିବ । ବାସ୍ତବ ଜୀବନରେ ବିବାହ ବନ୍ଧନରେ ଆବଦ୍ଧ ହେବାପରେ ରିୟାଙ୍କର ଏହା ପ୍ରଥମ ଚଳଚ୍ଚିତ୍ର । ତେଣୁ ସେ ବେଶ୍ ଉତ୍ସାହିତ ଅଛନ୍ତି । ଅଭିନେତା ମଣ୍ଟୁ ଓ ଅଭିନେତ୍ରୀ ରିୟାଙ୍କୁ ଏକାଠି ନୂଆ ଚଳଚ୍ଚିତ୍ର 'ବନ୍ଦିନୀ'ରେ ଦେଖିବାକୁ ମିଳିବ ।

ଏମାନଙ୍କ ବ୍ୟତୀତ ଏଥିରେ ବବି ମିଶ୍ର, ସରୋଜ ଦାସ, ଶୁଭ୍ରାଂଶୁ ନାୟକ, ଥିନ୍ ଓ ମନୀଷା ରଥ ମଧ୍ୟ ଦେଖିବାକୁ ମିଳିବେ । ଏହି ଚଳଚ୍ଚିତ୍ରଟି ଏକ ଭିନ୍ନସ୍ୱାଦର କାହାଣୀ ଯେଉଁଥିରେ ପ୍ରେମ, ଚକ୍ରାନ୍ତ ଏବଂ ପାରିବାରିକ ସମ୍ପର୍କ ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରତୀକ ସିଲ କହିଛନ୍ତି । ଏହା ଭିନ୍ନ ଏକ ପ୍ରେମ ଓ ପ୍ରତିଶୋଧର ରହସ୍ୟମୟ କାହାଣୀ । ଜନ୍ମେଞ୍ଜୟ ପଣ୍ଡାଙ୍କ କାହାଣୀ ଓ ପିନୁ ନାୟକଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ । ଏଥିରେ ନିର୍ମଳ ନାୟକ ଗୀତ ରଚନା କରିଛନ୍ତି ଓ ଅଭିଜିତ ମଜୁମଦାର ସ୍ୱର ସଂଯୋଜନା କରିଛନ୍ତି । କଣ୍ଠଦାନ କରିଛନ୍ତି ସ୍ୱୟଂସ, ଅନ୍ତରା ଚକ୍ରବର୍ତ୍ତୀ, ଅଭିଜିତ ମଜୁମଦାର, ଏସ ଜିତୁ, ଲିପ୍ସା ଓ ସସ୍ମିତା । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ୍ ଟୁବୁନ୍ । ୧୯ ତାରିଖ ସନ୍ଧ୍ୟା ୬.୩୦ରେ ଜୀ-ସାର୍ଥକରେ ଚଳଚ୍ଚିତ୍ରଟି ପ୍ରଦର୍ଶିତ ହୋଇଛି ।



# ହସରେ ଭସେଇବେ କୀର୍ତ୍ତି

ତେର ବର୍ଷ ତଳେ ହାସ୍ୟରସାତ୍ମକ ହିନ୍ଦୀ ଫିଲ୍ମ 'ଖିଚଡ଼ି: ଦି ମୁଭି'ରେ ପ୍ରଥମେ ପଦାର୍ପଣ ପରଠାରୁ ଅଭିନେତ୍ରୀ କୀର୍ତ୍ତି କୁହ୍ଲାରି ତାଙ୍କ ଭାବମୂର୍ତ୍ତିରେ ଲଗାତାର ପରିବର୍ତ୍ତନ ଆଣିଛନ୍ତି । ପରବର୍ତ୍ତୀ ସିନେମାଗୁଡ଼ିକରେ ତାଙ୍କର ଗମ୍ଭୀର ଭୂମିକା ଦେଖିବାକୁ ମିଳିଥିଲା । ତେବେ ଚଳିତବର୍ଷ ସେ ଦର୍ଶକମାନଙ୍କୁ ପୁଣି ହସରେ ଭସେଇବେ ବୋଲି ଭବିଷ୍ୟବାଣୀ କରିଛନ୍ତି ଏବଂ ଦର୍ଶକ ତାହା ଦେଖି ବିଶ୍ୱାସ କରିପାରିବେନି ବୋଲି ସେ କହିଛନ୍ତି । ଚଳିତବର୍ଷ ଆସିବାକୁ ଥିବା ତାଙ୍କ ଅଭିନୀତ ଦୁଇଟି ହାସ୍ୟ ସିନେମା ମଧ୍ୟରୁ 'ଖିଚଡ଼ି-୨' ହେଉଛି ଗୋଟିଏ । ଅନ୍ୟ ହାସ୍ୟାତ୍ମକ ଫିଲ୍ମ 'ନାୟେକା'ର ସେ ନିଜେ ହେଉଛନ୍ତି ପ୍ରଯୋଜିକା । ତେବେ ଚାରି ପାଞ୍ଚ ବର୍ଷ ହେଲା ଓଟିଟି ମଞ୍ଚରେ ଜଣେ ଅଣହାସ୍ୟ ଭୂମିକାର ଅଗ୍ରଣୀ ଅଭିନେତ୍ରୀ ଭାବେ ଚହଳ ପକାଇଥିବା କୀର୍ତ୍ତିଙ୍କର ହଠାତ୍ ଏପରି ପଛକୁ ଫେରିଯିବାର କାରଣ ସେ ହାସ୍ୟରସକୁ ଭାରି ପସନ୍ଦ କରନ୍ତି । ତେବେ ତାହା ପାରମ୍ପରିକ ବା ତଥାକଥିତ ହାସ୍ୟ ହୋଇନଥିବା ଦରକାର । ବିଶେଷ କରି ପରିସ୍ଥିତିଭିତ୍ତିକ ବ୍ୟଙ୍ଗକୁ ସେ ଭଲପାଆନ୍ତି ବୋଲି କୀର୍ତ୍ତି କହିଛନ୍ତି । ସେହିପରି ଗାମ୍ଭୀର୍ଯ୍ୟ, ଶୋକ ପରି ଅଭିନୟର ଅନ୍ୟାନ୍ୟ ରସ ଅପେକ୍ଷା ହାସ୍ୟରସ ଫୁଟାଇବା ଏକ କଷ୍ଟକର ବ୍ୟାପାର ବୋଲି ଅନେକଙ୍କର ଧାରଣା ଥିବା ବେଳେ ସେ ସେଥିରେ ବିଶ୍ୱାସ କରନ୍ତି ନାହିଁ । ଅବଶ୍ୟ ହାସ୍ୟରସକୁ ଜଣେ ଯେଭଳି ପ୍ରଦର୍ଶନ କରିପାରିବ, ଅନ୍ୟ ଜଣେ ଅନୁରୂପ ନ୍ୟାୟ ଦେଇପାରିବନି ବୋଲି ସେ ସ୍ୱୀକାର କରନ୍ତି । ଏହି ଅବସରରେ ସେ 'ଚମତ୍କାର' ସିନେମାରେ ଶ୍ରୀଦେବୀଙ୍କ ଅଭିନୟକୁ ଭୂୟସୀ ପ୍ରଶଂସା କରିଛନ୍ତି । କୀର୍ତ୍ତି ଏ ମଧ୍ୟରେ ଦୁଇ ଥର ଜାତୀୟ ସ୍ତରର ସମ୍ମାନ ହାସଲ କରିସାରିଛନ୍ତି । ପ୍ରଥମ ଫିଲ୍ମ 'ଖିଚଡ଼ି' ବାଦ୍ ସେ ପରବର୍ତ୍ତୀ 'ସଇତାନ', 'ସୁପର ସେ ଉପର', 'ଜାଲ୍', 'ରାଇଜ୍ ଅଫ୍ ଦି ଜୋମ୍ବି' ଓ 'କ୍ୟୁଟ୍ କମିନା' ପରି ସିନେମାରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଥିଲେ । ତେବେ 'ଇନ୍ଦୁ ସରକାର' ସିନେମାରେ ଶୀର୍ଷକ ଭୂମିକା ନିର୍ବାହ କରି ସମୀକ୍ଷକମାନଙ୍କୁ ମୁଗ୍ଧ କରିପାରିଥିଲେ ଏବଂ ୨୦୧୮ରେ କ୍ଷୁଦ୍ର ଫିଲ୍ମ 'ମାୟା' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ୬୪ତମ ଫିଲ୍ମଫେୟାର ସମ୍ମାନ ମିଳିଥିଲା । ଏହାପରେ 'ମିସନ୍ ମଙ୍ଗଳ', 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍' ଓ 'ଦି ଗାର୍ଲ ଅନ୍ ଦି ଟ୍ରେନ୍' ଆଦିରେ ତାଙ୍କର ଭିନ୍ନ ଭିନ୍ନ ଭୂମିକାକୁ ଦର୍ଶକ ଖୁବ୍ ଗ୍ରହଣ କରିଥିଲେ । ୱେବ୍ ଧାରାବାହିକ 'ଫୋର ମୋର ସଟ୍‌ସ' ଓ 'ବାର୍ଡ ଅଫ୍ ବ୍ଲଡ୍'ରେ କୀର୍ତ୍ତିଙ୍କ ଅଭିନୟ ବେଶ୍ ମନମୁଗ୍ଧକର ହୋଇଥିଲା । ତେବେ ତାଙ୍କର ଆଗାମୀ ହାସ୍ୟ ଅବତାରକୁ ଦର୍ଶକ ପୂର୍ବ ଭଳି ଗ୍ରହଣ କରୁଛନ୍ତି କି ନାଇଁ ତାହା ସମୟ ହିଁ କହିବ ।

# ଚର୍ଚ୍ଚାରେ ନ୍ୟାସାଙ୍କ ଭାଷା : ଜାଣନ୍ତୁ କାହିଁକି ଭଲ ନୁହେଁ ତାଙ୍କ ହିନ୍ଦୀ

ଅଜୟ ଦେବଗନ ଓ କାଜଲଙ୍କ ଅଲିଅଳୀ କନ୍ୟା ନ୍ୟାସା ନିକଟରେ ପିତାଙ୍କ 'ଏନ୍‌ୱାଇ ଫାଉଣ୍ଡେସନ୍' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ନ୍ୟାସା ଏକ ଡିଜିଟାଲ୍ ଲାଇବ୍ରେରି ଉଦ୍‌ଘାଟନ କରିବା ସହିତ ମହାରାଷ୍ଟ୍ର ଗ୍ରାମାଞ୍ଚଳର ଶତାଧିକ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବାଣ୍ଟିଥିଲେ । ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଲାଗି ସେ ଯେଉଁ ଭାଷଣ ଦେଇଥିଲେ ତାହା ଏବେ ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି । ପଢ଼ିବାର ମହତ୍ତ୍ୱ ବୁଝାଇବାକୁ ଚେଷ୍ଟା କଲା ବେଳେ ନ୍ୟାସାଙ୍କର ହିନ୍ଦୀ ଉଚ୍ଚାରଣ ଅସ୍ୱଷ୍ଟ ଶୁଭୁଥିଲା ଏବଂ ବାକ୍ୟ ମଝିରେ ସେ ବାରମ୍ବାର ଅଟକିଯାଉଥିଲେ । ତେଣୁ ସାମାଜିକ ଗଣମାଧ୍ୟମରେ ଲୋକେ ଏହାକୁ ନେଇ ଟୀକା ଟିପ୍ପଣୀ ଆରମ୍ଭ କରିଦେଇଛନ୍ତି । ଜଣେ ଲେଖିଛନ୍ତି କ୍ୟାଟ୍ରିନା କୈଫ୍ ସୁଦ୍ଧା କ୍ୟାରିୟର୍ ଆରମ୍ଭରେ ନ୍ୟାସାଙ୍କ ଠାରୁ ଭଲ ହିନ୍ଦୀ କହୁଥିଲେ । ଆଉ ଜଣେ ଅଜୟ ଓ କାଜଲଙ୍କୁ ଏଭଳି ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେବା ଲାଗି ଦାୟୀ କରିଛନ୍ତି । ନ୍ୟାସା ଯଦି ହିନ୍ଦୀରେ ଭାଷଣ ଦେବାକୁ ପ୍ରସ୍ତୁତ ନ ଥିଲେ ତେବେ ପିତାମାତା ତାଙ୍କୁ ବାଧ୍ୟ କରିବା ବଦଳରେ ଇଂରେଜୀରେ ଭାଷଣ ଦେବାକୁ କହିବାର ଥିଲା ବୋଲି କେହି କେହି ମତ ଦେଇଛନ୍ତି । ୧୯ ବର୍ଷୀୟା ନ୍ୟାସା ହେଉଛନ୍ତି ଅଜୟ ଓ କାଜଲଙ୍କ କନିଷ୍ଠ ସନ୍ତାନ । ସେ ସିଙ୍ଗାପୁରର ଏକ ସ୍କୁଲ୍ ?ରେ ପଢ଼ିବା ପରେ ଏବେ ସ୍ୱିଜରଲାଣ୍ଡ୍‌ରେ ଉଚ୍ଚଶିକ୍ଷା ହାସଲ କରୁଛନ୍ତି । ତେଣୁ ସ୍ୱାଭାବିକ ଭାବେ ତାଙ୍କ ହିନ୍ଦୀ ଉଚ୍ଚାରଣ ସେତେ ଭଲ ନୁହେଁ; ତାଙ୍କୁ ଏଥିପାଇଁ ବିଦ୍ରୂପ କରିବା ବଦଳରେ ତାଙ୍କ ଉଦ୍ୟମକୁ ପ୍ରଶଂସା କରିବା ଉଚିତ ବୋଲି ନ୍ୟାସାଙ୍କ ସମର୍ଥନରେ କିଛି ଲୋକ ଯୁକ୍ତି ବାଢ଼ିଛନ୍ତି । ନ୍ୟାସା ବନ୍ଧୁମାନଙ୍କ ସହିତ ଭ୍ରମଣ ଓ ପାର୍ଟି କରୁଥିବାର ଫଟୋ ଯୋଗୁଁ ଅନେକ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛନ୍ତି । ପିତା ଅଜୟଙ୍କ କହିବା ଅନୁଯାୟୀ ସେ ଆଗକୁ ବଲିଉଡ୍‌ରେ ପାଦ ଦେବେ କି ନାହିଁ ଏ ଯାଏ ସ୍ଥିର ହୋଇନାହିଁ ।



# ଆରମ୍ଭ ହେଲା 'ହେରାଫେରି-୩'ର ସୁଟିଂ: ରାଜୁ ଭୂମିକାରେ ଅଭିନୟ କରିବେ ଅକ୍ଷୟ କୁମାର



ଯଦି ଆପଣ ମଧ୍ୟ ଉତ୍ସାହର ସହିତ 'ହେରାଫେରି-୩' କୁ ଅପେକ୍ଷା କରୁଛନ୍ତି ତେବେ ଚଳଚ୍ଚିତ୍ରକୁ ନେଇ ଆଜି ଏକ ବଡ଼ ଖବର ସାମ୍ନାକୁ ଆସିଛି । ବାସ୍ତବରେ, 'ଭୁଲ ଭୁଲେୟା ୨' ପରେ ଶୁଣିବାକୁ ମିଳୁଥିଲା ଯେ 'ହେରାଫେରି ୩'ରେ କାର୍ତ୍ତିକ ଆର୍ଯ୍ୟନ ଅକ୍ଷୟ କୁମାରଙ୍କ ସ୍ଥାନରେ ଦେଖିବାକୁ ମିଳିବେ । କିନ୍ତୁ ବର୍ତ୍ତମାନ ଜଣାପଡିଛି ଯେ ଫିଲ୍ମର ତୃତୀୟ ସିକ୍ୱେଲରେ ମଧ୍ୟ ରାଜୁ ଭୂମିକାରେ ଅକ୍ଷୟ କୁମାର ହିଁ ନଜର ଆସିବେ । ତେବେ 'ହେରାଫେରି'ର ଦୁଇଟି ସିକ୍ୱେଲ ଆନିସ୍ ବାଜମୀ ନିର୍ଦ୍ଦେଶନା ଦେଇଥିବା ବେଳେ 'ହେରାଫେରି-୩' କିନ୍ତୁ ଫରହାଦ୍ ସାମଜୀ ନିର୍ଦ୍ଦେଶନା ଦେବେ । ଖବର ଅନୁଯାୟୀ, ଫିଲ୍ମର ସୁଟିଂ ମଧ୍ୟ ଆରମ୍ଭ ହୋଇଛି । ତେବେ କିଛି ଦିନ ପୂର୍ବରୁ ଅକ୍ଷୟ କୁମାର ଏହାର ସ୍କ୍ରିପ୍ଟକୁ ପସନ୍ଦ କରନ୍ତି ନାହିଁ ବୋଲି କହି ଫିଲ୍ମରୁ ନିଜକୁ ଦୂରେଇ ରଖିଥିଲେ । ଏହା କେବଳ ପ୍ରଶଂସକଙ୍କୁ ନୁହେଁ, ବଲିଉଡକୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିଲା । ତେବେ ଏନେଇ କାର୍ତ୍ତିକ ଆର୍ଯ୍ୟନଙ୍କୁ ମଧ୍ୟ ସମ୍ପର୍କ କରାଯାଇଥିଲା, କିନ୍ତୁ ସେ ଏହି ଫିଲ୍ମ କରୁନାହାଁନ୍ତି ବୋଲି ଜଣାପଡିଛି । ରିପୋର୍ଟ ମୁତାବକ ଏକ ସପ୍ତାହ ପୂର୍ବରୁ ଅକ୍ଷୟ, ସୁନୀଲ ଏବଂ ପରେଶ ରାୱଲ ଏହି ଚଳଚ୍ଚିତ୍ର ପାଇଁ ମୁମ୍ବାଇର ଏମ୍ବାୟାର ଷ୍ଟୁଡିଓରେ ଏକ ବୈଠକ କରିଥିଲେ । ଯାହା ପରେ ଏବେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି । ସୂଚନା ଥାଉ କି ଫିଲ୍ମର ପ୍ରଥମ ଭାଗ ୨୦୦୦ ମସିହାରେ ଆସିଥିଲା, ଦ୍ୱିତୀୟ ଭାଗ ୨୦୦୬ ମସିହାରେ ଆସିଥିଲା । ଆଉ ୧୭ ବର୍ଷ ପରେ, ଫିଲ୍ମର ତୃତୀୟ ଭାଗ ନିର୍ମାଣ ହେବାକୁ ଯାଉଛି ।

# ଆସୁଛି ଗ୍ରୀଷ୍ମ : କନ୍ଦାଇବ ତାତି, କୋରାପୁଟ ଦେଖିବ ପାଣି ଦୁର୍ଦ୍ଦଶା

## ୧୩ ବ୍ଲକରେ ୧୪୭୦ କୋଟି ବ୍ୟୟ ବରାଦ



କୋରାପୁଟ, ୨୩/୦୨ (ନି.ପ୍ର): ଗ୍ରୀଷ୍ମ ପାଖେଇ ଆସୁଛି । ଚଳିତବର୍ଷ ଅଧିକ ଖରା ହେବା ଆକଳନ କରାଯାଉଛି । ତାତି ଲୋକଙ୍କୁ କନ୍ଦାଇବ । ଏଭଳି ସ୍ଥଳେ କୋରାପୁଟରେ ଯୋଜନାବଦ୍ଧ ଭାବେ ଚାଲିଥିବା ମେଗା ପାନୀୟ ଜଳ ଯୋଗାଣ ଯୋଜନା ବହୁ ପଛରେ ପଡିଯାଇଛି । ଫଳରେ କୋରାପୁଟ ଆଗାମୀ ଦିନରେ ପାଣି ଦୁର୍ଦ୍ଦଶା ଦେଖିବ । ପାହାଡ ପର୍ବତ ଘେରା କୋରାପୁଟ ଜିଲ୍ଲାରେ ଜାନୁଆରୀ ମାସ ପ୍ରଥମ ସପ୍ତାହ ହେଉ ହେଉ ହ୍ରାସ ପାଏ ଭୂତଳ ଜଳସ୍ତର । ଯେଉଁଠି ୨ରୁ ୧୦ ମିଟର ମଧ୍ୟରେ ଖନନ କଲେ ଭୂତଳ ଜଳ ଉପଲବ୍ଧ ହେଉଥିଲା ତାହା ଏବେ ୧୫ ମିଟରକୁ ବୃଦ୍ଧି ପାଇଲାଣି । ବର୍ଷକୁ ବର୍ଷ ଏହା ବୃଦ୍ଧି ପାଉଥିବାବେଳେ ଏହାକୁ ରୋକିବାକୁ ସେପରି ପଦକ୍ଷେପ ଗ୍ରହଣ କରାଯାଉନି । ତେବେ ପାନୀୟ ଜଳ ପାଇଁ କୋରାପୁଟରେ ନଳକୂପ ଓ କୂପକୁ ବ୍ୟବହାର କରାଯାଉ ଥିବାବେଳେ ଭୂତଳ ଜଳ ହ୍ରାସ ପାଉଥିବାରୁ ପୂର୍ବରୁ ଖନନ ହୋଇଥିବା ଏହି ଜଳ ଉତ୍ସ ଏବେ ପରିତ୍ୟକ୍ତ ହେବାକୁ ଲାଗିଲାଣି ।

ଏଥିପାଇଁ କୋରାପୁଟ ଜିଲ୍ଲାରେ ମେଗା ଜଳ ପ୍ରକଳ୍ପର ପରିଯୋଜନା ହୋଇଛି । ୨୦୧୭ରୁ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ଆରମ୍ଭ ହୋଇଛି ୯ଟି ମେଗା ପ୍ରକଳ୍ପ । ଏହି ୯ଟି ମେଗା ପ୍ରକଳ୍ପ ମାଧ୍ୟମରେ କୋରାପୁଟ ଜିଲ୍ଲାର ୧୩ଟି ବ୍ଲକର ପାନୀୟ ଜଳ ସମସ୍ୟାର ସମାଧାନ ହେବ ବୋଲି ଆଶଙ୍କା କରାଯାଉଛି । ଏଥିପାଇଁ ରାଜ୍ୟ ସରକାର ୧୪୭୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବାବେଳେ କୋରାପୁଟ ଓ ଲମତାପୁଟ ବ୍ଲକରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଖୁବଶୀଘ୍ର କାମ ଆରମ୍ଭ ହେବାକୁ ଯାଉଛି । ତେବେ ବୋରିଗୁମ୍ମା, କୋଟପାଡର ସମସ୍ତ ପଞ୍ଚାୟତ ଓ ଜୟପୁର ବ୍ଲକର ୭ଟି ପଞ୍ଚାୟତକୁ ନେଇ ମୁରାନ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଏବେ ଏହି ପ୍ରକଳ୍ପର ମୂଲ୍ୟ ୩୧୬.୫୩ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଜୁଲାଇରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ । ୨୦୧୮ରେ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୧ରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ସମୟ ଗଡି ଚାଲିଛି ।

ସେହିପରି ଦଶମନ୍ତପୁରର ସମସ୍ତ ପଞ୍ଚାୟତ ଓ ଲକ୍ଷ୍ମୀପୁର ୨ଟି ପଞ୍ଚାୟତକୁ ନେଇ ଏମ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି । ୨୪୫.୨୯ କୋଟି ଟଙ୍କାରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ୨୦୨୪ ମାର୍ଚ୍ଚ ସୁଧା ଶେଷ ହେବ । ସେହିପିରି ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ସମମ୍ତ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ କରିବାକୁ ୨୦୨୧ଯୋଜାନ ହୋଇଥିଲା । ୨୦୨୩ରେ ଏହା ଶେଷ ହେବାକୁ ଯୋଜନା ରହିଥିବାବେଳେ ଆସନ୍ତା ବର୍ଷ ସୁଧା ଏହା ଶେଷ ହେବ ବୋଲି ଆକଳନ କରାଯାଇଛି । ସେହିପରି ନନ୍ଦପୁର ବ୍ଲକର ସମସ୍ତ ପଞ୍ଚାୟତ ଓ ସେମିଳିଗୁଡା ବ୍ଲକର ୨ଟି ପଞ୍ଚାୟତକୁ ନେଇ ୨୦୨୧ରେ ୨୦୦.୧୬ କୋଟି ଟଙ୍କା ବିନିମୟରେ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି ।

କୁନ୍ଦୁରା ବ୍ଲକ ସମସ୍ତ ପଞ୍ଚାୟତ ଓ ଜୟପୁରର୧୫ଟି ପଞ୍ଚାୟତ ପାନୀୟ ଜଳ ଯୋଗାଣ କରିବାକୁ ୨୦୨୨ରେ ଆରମ୍ଭ ହୋଇଥିବା ପ୍ରକଳ୍ପର ମୂଲ୍ୟ ୨୪୪.୩୩ କୋଟି ରହିଛି । ସେହିପରି ୨୦୨୦ରେ ବୈପାରିଗୁଡା ବ୍ଲକକୁ ପାନୀୟ ଜଳ ଯୋଗାଣ କରିବାକୁ ଯୋଜନା ହୋଇଥିଲା । ଏଥିପାଇଁ ୧୫୫.୭ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ୨୦୨୪ ଶେଷ ହେବାକୁ ଯୋଜନା ରହିଛି । ତେବେ ଲମତାପୁଟ ପାଇଁ ୧୨୧.୨୮ କୋଟି ଓ କୋରାପୁଟର ୮ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ କରିବାକୁ ୧୧୮.୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ୭ ଦିନ ମଧ୍ୟରେ ୱାର୍କ ଅଡର ଜାରି କରାଯିବ ବୋଲି ଜଣାପଡିଛି । ତେବେ କୋରାପୁଟ ଜିଲ୍ଲାରେ ୨୦୧୧ ମସିହା ଜନଗଣନା ଅନୁସାରେ ୧୧ ଲକ୍ଷ ୯୧ ହଜାର ୧୪୬ ଜନସଂଖ୍ୟା ରହିଥିବାବେଳେ ଆଇଏମଆଇଏସ ରିପୋର୍ଟ ଅନୁସାରେ ୧୩ ଲକ୍ଷ ୩ ହଜାର ୫୨୫ ଜନସଂଖ୍ୟା ରହିଛନ୍ତି । କୋରାପୁଟ ଜିଲ୍ଲାରେ ୨୦୧୧ ଜନଗଣନା ଅନୁସାରେ ୨ ଲକ୍ଷ ୮୯ହଜାର ୧୭୧ ପରିବାର ରହିଥିବାବେଳେ ଆଇଏମଆଇଏସ ରିପୋର୍ଟ ଅନୁସାରେ ୩ ଲକ୍ଷ ୨୨ ହଜାର ୯୭୪ ପରିବାର ପାନୀୟ ଜଳ ପାଇଁ ଆଗ୍ରହି ରହିଛନ୍ତି ।

# ପ୍ରଶାସନ ପକ୍ଷରୁ ବଡଯାତ୍ରା ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, ୨୩/୦୨ (ନି.ପ୍ର): ପ୍ରତି ଦୁଇ ବର୍ଷରେ ମହା ଆଡମ୍ବର ସହକାରେ ମାଲକାନଗିରି ଜିଲ୍ଲାରେ ପାଳନ କରାଯାଏ ବଡ ଯାତ୍ରା । ଏ ନେଇ ଜିଲ୍ଲାରେ ବଡ ଯାତ୍ରା ପୂଜା ଆରମ୍ଭ ହୋଇଯାଇଛି । ତେଣୁ ଆଜି ଉପଜିଲ୍ଲାପାଳଙ୍କ କକ୍ଷ ଠାରେ ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ଗଣ ମାଧ୍ୟମକୁ ଏ ନେଇ ସୂଚନା ପ୍ରଦାନ କରିଛନ୍ତି । ଯାତ୍ରାରେ ଆନ୍ଧ୍ର, ଛତିଶଗଡ, ତେଲେଙ୍ଗାନା ଏବଂ ଓଡିଶାର ଲକ୍ଷାଧିକ ଭକ୍ତଙ୍କ ସମାଗମ ସମ୍ଭାବନା ଥିବାରୁ ପାର୍କିଙ୍ଗ ନିୟମ ମାନିବା ସହ ଜିଲ୍ଲା ଏବଂ ପୋଲିସ ପ୍ରଶାସନକୁ ସହଯୋଗ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ଖେମୁଣ୍ଡୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆସନ୍ତା ୨୬ ଫେବୃଆରୀ ରେ ଦେବାଦେବୀ ମାନେ ପୋଲେରୁ ଠାରେ ରାତ୍ର ରହଣି କରିବେ । ୨୭ ଫେବୃଆରୀ ପୂର୍ବାହ୍ନ ୦୮ ଘଟିକା ରେ ଆନ୍ଧ୍ର-ପୋଲେରୁ ଅଭିମୁଖେ ଯାତ୍ରା ଆରମ୍ଭ ହେବ । ପୂର୍ବାହ୍ନ ୦୯ ଟାରେ ଓଡିଶା ପୋଲେରୁ ରୁ ଆନ୍ଧ୍ର ପୋଲେରୁ କୁ ନୌକା ବିହାର ହେବ । ପୂର୍ବାହ୍ନ ୧୦ଟାରେ ଆନ୍ଧ୍ର ଠାରୁ ତାଡ଼ିକା ରାଓ ନଦୀ ଘାଟ ଅଭିମୁଖେ ଯାତ୍ରା ହେବ । ପୂର୍ବାହ୍ନ ୧୧ ଟାରେ ତାଡ଼ିକା ରାଓ ନଦୀଘାଟ ଠାରେ ଦେବାଦେବୀଙ୍କର ସ୍ନାନ ଯାତ୍ରା ହେବ । ଅପରାହ୍ନ ୦୧ଘଂଟାରେ ନଦୀଘାଟ ଠାରୁ ଆନ୍ଧ୍ର ପୋଲେରୁ କୁ ପ୍ରତ୍ୟାବର୍ତନ ହେବ । ଅପରାହ୍ନ ୦୨ଟାରେ ଆନ୍ଧ୍ର ଠାରେ ଦେବାଦେବୀ ରହଣି କରିବେ ଏବଂ ଅପରାହ୍ନ ୦୩ଟାରେ ଆନ୍ଧ୍ର ଠାରୁ ଓଡିଶା କୁ ଦେବାଦେବୀଙ୍କ ନୌକା ବିହାର ହେବ । ଅପରାହ୍ନ ୦୪ଟାରେ ଦେବାଦେବୀ ଓଡିଶା ପୋଲେରୁ ଠାରେ ପହଂଚିବେ ଏବଂ ସେଠାରେ ରହଣି ହେବ । ସେହିପରି ଅପରାହ୍ନ ୦୬ଟାରେ ମାନ୍ୟମକୋଣ୍ଡା ଅଭିମୁଖେ ଯାତ୍ରା ଆରମ୍ଭ ହୋଇ ଦେବାଦେବୀ ମାନ୍ୟମକୋଣ୍ଡା ଠାରେ ରହଣି ହେବ ।

ମାଲକାନଗିରି ସଦର ମହକୁମା ଠାରେ ୦୪-ମାର୍ଚ୍ଚ ରୁ ୦୭-ମାର୍ଚ୍ଚ ପର ?ୟ୍ୟନ୍ତ ବଡଯାତ୍ରା ପାଳନ ହେବ । ୦୪-ମାର୍ଚ୍ଚରେ କନ୍ୟାମାଝି ପୂଜାସ୍ଥଳରେ ଦେବାଦେବୀ ପୂର୍ବାହ୍ନ ୦୭ଟାରୁ ରାତ୍ର ୦୮ଟା ପର୍ଯ୍ୟନ୍ତ ପୂଜା ପାଇବେ । ଏ ନେଇ ବ୍ଲକ କାର୍ଯ୍ୟାଳୟ ରାସ୍ତା , ମାରଫେଡ ଏବଂ ଏସଏଭି ବିଦ୍ୟାଳୟ ଠାରେ ପାର୍କିଙ୍ଗ ବ୍ୟବସ୍ଥା କରାଯାଇଛି । ସେହିପରି ମାଣ୍ଡିଆଭଟା ଠାରେ ୦୪-ମାର୍ଚ୍ଚ ରାତ୍ର ୦୯ ଘଟିକାରୁ ୦୫-ମାର୍ଚ୍ଚ ରାତ୍ର ୦୮.୦୦ ଘଟିକା ପର୍ଯ୍ୟନ୍ତ ପୂଜା କାର୍ଯ୍ୟ ଚାଲୁ ରହିବ । ଏ ନେଇ ସି ଡ଼ିଭି ଓ କାର୍ଯ୍ୟାଳୟ ଓ ଟାଉନ ହଲ ଠାରେ ପାର୍କିଙ୍ଗ କରାଯିବ । ସେହିପରି ୦୫-ମାର୍ଚ୍ଚ ପୂର୍ବାହ୍ନ ୧୦ଟାରୁ ମାଉଲି ମା ମନ୍ଦିର ଠାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇ ୦୮-ମାର୍ଚ୍ଚ ପୂର୍ବାହ୍ନ ୦୪ ଟା ପର୍ଯ୍ୟନ୍ତ ଚାଲୁ ରହିବ । ଏଥିନିମନ୍ତେ ଜଗନ୍ନାଥ ମନ୍ଦିର ପଛ ପାର୍ଶ୍ୱରେ ପାର୍କିଙ୍ଗ ବ୍ୟବସ୍ଥା କରାଯାଇଛି । ସମସ୍ତ ଭାରି ଯାନ ଗୁଡିକ କଲେଜ ଛକରୁ କେନାଲ ଛକ ଭାୟା ପୁରୁଣା ମେଡିକାଲ ଛକ ଏବଂ ଆଇଏମଏସଟି ଛକ ହୋଇ ବାଇପାସ ରାସ୍ତା ଦେଇ ଯାତାୟାତ କରିବ । ସେହିପରି ଭକ୍ତଙ୍କ ନିମନ୍ତେ ପାନୀୟଜଳ, ଆମ୍ବୁଲାନ୍ସ , ଭ୍ରାମ୍ୟମାଣ ଶୌଚାଳୟ ଏବଂ ସିଲେରୁ ନଦୀରେ ଭକ୍ତଙ୍କ ଯାତାୟାତ ପାଇଁ ଜେଟି ର ବ୍ୟବସ୍ଥା ନେଇ ସୂଚନା ଦିଆଯାଇଛି । ଏହି ଆଲୋଚନାରେ ଏସଡ଼ିପିଓ, ସଚିନ ପଟେଲ , ଆଇ ଆଇ ସି , ରିଗାନ କିଣ୍ଡୋ, ଅତିରିକ୍ତ ତହସିଲଦାର, ଜଗଦୀଶ କାର୍ତାମୀ, ଅଶୋକ କୁମାର ପାଲ ଏବଂ ଡ଼ିଆଇପିଆରଓ, ପ୍ରମିଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିରୋଧି ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଜୟପୁର, ୨୩/୦୨ (ନି.ପ୍ର): କୋରାପୁଟ ଜିଲାରେ କାର୍ଯ୍ୟ କରୁଥିବା ସମସ୍ତ ମହଳା ପୋଲିସ ଅଫିସର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଷ୍ୟରେ କୋରାପୁଟ ଏସପି ଓ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଗତ ୧୫ ତାରିଖରେ ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ ସମୟରେ ଆଇନ ଶୃଙ୍ଖଳା ଦାୟିତ୍ୱ ରେ ଥିବା ଧନୁପାଲି ଥାନା ଅଧିକାରି ଙ୍କୁ ବିରୋଧି ଦଳ ନେତା ତଥା ବିଧାୟକ ଜୟନରାୟଣ ମିଶ୍ର ଙ୍କ ଆକ୍ରମଣକୁ ରାଜ୍ୟ ପୋଲିସ ସେବା ସଂଘ ଦୃଢ ନିନ୍ଦା କରିଛି । କର୍ତ୍ତବ୍ୟରେ ନିୟୋଜିତ ଥିବା ଜଣେ ମହିଳା ଅଧିକାରି ଙ୍କୁ ଅଶାଳିନ ଆଚାରଣ କରିବା ତଥା ଶାରିରିକ ଆକ୍ରମଣ କରିବା ରାଜ୍ୟ ପୋଲିସର ସମସ୍ତଙ୍କୁ ବିଚଳିତ ତଥା ବ୍ୟଥିତ କରିଛି । ଏଭଳି ନିନ୍ଦନିୟ ଆକ୍ରମଣର ତିବ୍ର ନିନ୍ଦା ଓ ବିରୋଧ କରିବା ସହ ବିରୋଧି ଦଳ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର ଙ୍କ ବିରୋଦ୍ଧରେ ଆଇନଗତ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି ।

# ଦିଲୀପ ବେହେରା ହେଲେ ପୁଣିଥରେ ଜିଲ୍ଲା କଂଗ୍ରେସର ସଭାପତି

ବଲାଙ୍ଗୀର, ୨୩/୦୨ (ନି.ପ୍ର): ଛାମୁଆ ସଂଗଠକ, ସୁବକ୍ତା, ଆଇନଜୀବୀ ଦିଲିପ ବେହେରାଙ୍କୁ ପ୍ରଦେଶ କଂଗ୍ରେସ କମିଟି ତରଫରୁ ପୁନଃ ଜିଲ୍ଲା ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ତାଙ୍କ ନିଯୁକ୍ତିରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଉପାଧ୍ୟକ୍ଷ ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଭାରି ଡ. ଚେଲା କୁମାର, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବା ପାଇଁ ପରିପ୍ରକାଶ କରିଥିଲେ । ଶ୍ରୀ ବେହେରାଙ୍କୁ ପୁନଃ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ ମନୋନୀତ କରିଥିବାରୁ ଟାଉନ କଂଗ୍ରେସ, ଜିଲ୍ଲା କିଶାନ କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ପଂଚାୟତିରାଜ କଂଗ୍ରେସ, ଜିଲ୍ଲା ସେବାଦଳ, ଏସ୍‌ଟି ସେଲ, ଏସ୍‌ସି ସେଲ ଏବଂ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଦଳ ଆହୁରି ସଂଗଠିତ ହେବ ବୋଲି ମତବ୍ୟକ୍ତ କରି ଜିଲ୍ଲା କଂଗ୍ରେସରୁ ତୃଣମୂଳ ସ୍ତରର କର୍ମୀମାନେ ଅତ୍ୟନ୍ତ ଉତ୍ସାହିତ ମନେକରୁଛନ୍ତି ।

# ଯୋଡ଼ା ଖଣିମଣ୍ଡଳରେ କମିଲା ୮୫୦୦ କୋଟିର ଖଣି ରାଜସ୍ୱ



ଯୋଡ଼ା , ୨୩/୦୨ (ନି.ପ୍ର): ବୈଧାନିକ ଅନୁମତି ନ ଥିବାରୁ ଖଣି ବନ୍ଦ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଲୁହାପଥର ଉପରେ ରପ୍ତାନି ଶୁଳ୍କ ବୃଦ୍ଧିର ପ୍ରଭାବ ଖଣି ରାଜସ୍ୱ ସଂଗ୍ରହ ଉପରେ ପଡ଼ିଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରୁ ଗତବର୍ଷ ଅପେକ୍ଷା ଏଥର ୮ ହଜାର ୫ ଶହ କୋଟି ଟଙ୍କାର କମ୍ ଖଣି ରାଜସ୍ୱ ସଂଗ୍ରହ ହୋଇଥିବା ସୂଚନା ମିଳିଛି । ୨୦୨୧-୨୨ ଆର୍ଥିକ ବର୍ଷରେ ୨୪ ହଜାର ୫୪୯.୯୯ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଥିଲା । ୨୦୨୨-୨୩ ଆର୍ଥିକ ବର୍ଷ ସରିବାକୁ ଆଉ ମାତ୍ର ମାସେ ବାକିଥିବା ବେଳେ ଏଯାଏ ୧୬ ହଜାର କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବା ସୂଚନା ମିଳିଛି ।

ଯୋଡ଼ା ଖଣି ମଣ୍ଡଳରେ ରହିଛି ୯୪ଟି ଖଣି । ଏଥିରୁ ୩୧ଟି ଖଣି କାର୍ଯ୍ୟକ୍ଷମ ଥିବାବେଳେ ୪ଟି ଖଣିକୁ କେବଳ ପୂର୍ବରୁ ଖନନ ହୋଇଥିବା ଖଣିଜ ପରିବହନ ପାଇଁ ଅନୁମତି ମିଳିଛି । ଆହୁରି ୫୯ଟି ଖଣି ଥିଲେ ମଧ୍ୟ ବୈଧାନିକ ଅନୁମତି ନଥିବାରୁ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନି । ଏତେ ସଂଖ୍ୟାରେ ଖଣି ବନ୍ଦ ହୋଇ ରହିବା ରାଜସ୍ୱ ସଂଗ୍ରହ ହ୍ରାସ ପାଇବାର କାରଣ ବୋଲି କୁହାଯାଉଛି ।

ସେହିପରି, ରାଜସ୍ୱ ସଂଗ୍ରହ ହ୍ରାସ ପାଇବାର ଅନ୍ୟତମ ପ୍ରମୁଖ କାରଣ ଥିଲା ଲୁହାପଥର ଉପରେ କେନ୍ଦ୍ର ସରକାରଙ୍କ ରପ୍ତାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତି । ୨୦୨୨ ମେ'ରେ କେନ୍ଦ୍ର ସରକାର ଲୁହାପଥର ରପ୍ତାନି ଶୁଳ୍କ ବୃଦ୍ଧି କରିଥିଲେ । ୫୮ ଗ୍ରେଡ୍‌ରୁ କମ୍ ଲୁହାପଥର ଉପରେ କେନ୍ଦ୍ର ସରକାର ୫୦ ପ୍ରତିଶତ ରପ୍ତାନି ଶୁଳ୍କ ଲାଗୁ କରିଥିଲେ । ଯୋଡ଼ା ଖଣିମଣ୍ଡଳରୁ ସାଧାରଣତଃ ୫୮ ଗ୍ରେଡ୍ ଓ ଏହାଠାରୁ କମ୍ ଗ୍ରେଡ୍‌ର ଲୁହାପଥର ଉତ୍ତୋଳନ ଏବଂ ରପ୍ତାନି ହୋଇଥାଏ । ରପ୍ତାନି ଶୁଳ୍କ ବୃଦ୍ଧି ଯୋଗୁଁ ଲୁହାପଥର ଉତ୍ତୋଳନ ଏବଂ ରପ୍ତାନି ଏକପ୍ରକାର ବନ୍ଦ ହୋଇଯାଇଥିଲା । ପିଲେଟ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା । ଏମିତିକି ଅଧିକାଂଶ ପିଲେଟ୍ କାରଖାନା ସେମାନଙ୍କ କ୍ଷମତାର ମାତ୍ର ୨୫ ପ୍ରତିଶତ ଉତ୍ପାଦନ କରୁଥିଲେ । ପିଲେଟ୍ ଉତ୍ପାଦନ ହ୍ରାସ ଏବଂ କେତେକ କାରାଖାନା ବନ୍ଦ ହୋଇଯିବାରୁ ଏହାର ସିଧାସଳଖ ପ୍ରଭାବ ଖଣି ଏବଂ କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଉପରେ ପଡ଼ିଥିଲା । ଶ୍ରମିକମାନେ କାମ ନପାଇ ହାତବାନ୍ଧି ବସିଥିଲେ ।

ଲୁହାପଥର ବିକ୍ରି ହ୍ରାସ ପାଇବାରୁ ଏହାର ପ୍ରଭାବ ପରିବହନ ଶିଳ୍ପ ଉପରେ ମଧ୍ୟ ପଡ଼ିଥିଲା । ଟ୍ରକ୍ ମାଲିକ, ଡ୍ରାଇଭର, ହେଲପରଙ୍କ ଜୀବିକା ବିପନ୍ନ ହୋଇଥିଲା । ରାଜସ୍ୱ ଆଦାୟ ମଧ୍ୟ ହ୍ରାସ ପାଇଥିଲା । ଶେଷରେ , ନଭେମ୍ବର ୧୮ରେ କେନ୍ଦ୍ର ସରକାର ଲୁହାପଥର ଉପରେ ଲାଗୁ ହୋଇଥିବା ରପ୍ତାନି ଶୁଳ୍କକୁ ପ୍ରତ୍ୟାହାର କରିଥିଲେ । ଶତକଡ଼ା ୫୮ ଗ୍ରେଡ୍‌ରୁ କମ୍ ଲୁହାପଥର ଲମ୍ପ୍‌ସ, ଫାଇନ୍‌ସକୁ ରପ୍ତାନି ଶୁଳ୍କମୁକ୍ତ କରାଯାଇଥିଲା । ୫୮ ପ୍ରତିଶତ ଓ ତଦୁର୍ଦ୍ଧ୍ୱ ଗ୍ରେଡ୍‌ର ଲୁହାପଥର ଉପରେ ୩୦ ପ୍ରତିଶତ ରପ୍ତାନି ଶୁଳ୍କ ଲାଗୁ କରାଯାଇଥିଲା । ପିଗ୍ ଆଇରନ, ଆଇରନ ଓର, ପିଲେଟ୍, ଷ୍ଟିଲ ଦ୍ରବ୍ୟ ଉପରୁ ରପ୍ତାନି ଶୁଳ୍କ ଛାଡ଼ କରାଯାଇଥିଲା । ତେବେ, ଏହିସମୟରେ ଲୁହାପଥରର ବଜାର ଦର କମିଯାଇଥିବାରୁ ପୁଣି ଖଣି କାରବାର ପ୍ରଭାବିତ ପାଇଥିଲା । ଏହି ତିନିଟି ପ୍ରମୁଖ କାରଣ ପାଇଁ ଯୋଡ଼ା ଖଣି ମଣ୍ଡଳରେ ଖଣି ରାଜସ୍ୱ ଆଦାୟ ହ୍ରାସ ପାଇଥିବା କୁହାଯାଉଛି ।

# ଟାଟା ପାୱାର ପକ୍ଷରୁ ବ୍ରହ୍ମବରଦାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଧର୍ମଶାଳା, ୨୩/୦୨ (ନି.ପ୍ର): ଓଡିଶାରେ ଟାଟା ପାୱାର ଦାୟିତ୍ୱ ନେବା ପରେ ବିଭିନ୍ନ ଅଂଚଳରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦେଇଆସୁଛି । ଅନେକ ସମୟରେ ଦୁର୍ଘଟଣା ଓ ବିଦ୍ୟୁତ ସରବରାହ ଉପରେ ଗୁରୁତ୍ୱ ଦେବା ସହିତ ଏଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏବେ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଛି । ଅନେକ ଅଂଚଳରେ ବହୁ ଅସହାୟ ବ୍ୟକ୍ତି ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେବା ସହ ମେଡିକାଲକୁ ବହୁ ଦୂରଦୂରାନ୍ତକୁ ଯାଇ ପାରୁ ନାହାନ୍ତି । ସେମାନଙ୍କ ଘର ପାଖରେ ଏହି ସ୍ୱାସ୍ଥ୍ୟ ସେବା ପଂହଚାଇବାକୁ ଟାଟା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ବିଭିନ୍ନ ସ୍ଥାନରେ କରାଯାଉଛି । ଏହି କ୍ରମରେ ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ବିଦ୍ୟୁତ୍ ଅଧିନସ୍ଥ ବ୍ରହ୍ମବରଦାଠାରେ ଟାଟା ପାୱାର ନର୍ଦନ ଓଡିଶା ଡିଷ୍ଟ୍ରିଭୁସନ ଲିମିଟେଡ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର ଓ ଔଷଧ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମବରଦରସ୍ଥିତ ବେଲଗୁରୁଡିଠାରେ ଏହି ସ୍ୱାସ୍ଥ୍ୟ ସେବା ଗାଡି ପଂହଚିଥିଲା । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ବ୍ରହ୍ମବରଦା ସରପଂଚ ମମତା ଶୁଦର୍ଶନୀ ଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ କୁଆଖିଆ ଏସ୍‌ଡିଓ ଶୀତାଶୁଂ ଶେଖର ଶତପଥୀ,ନିର୍ବାହୀ ଯନ୍ତ୍ରୀ ଆଲୋକ ଦାସ , ବ୍ରହ୍ମବରଦା ସେକ୍ସନର ନିର୍ବାହୀ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁ ଓ କୁଆଖିଆ ଡିଭିଜନର ମୁଖ୍ୟ କିରାଣୀ ଶ୍ରୀବତ୍ସବ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ଡାକ୍ତର ଯୋଗ ଦେଇ ସ୍ଥାନୀୟ ଅଂଚଳରୁ ଆସିଥିବା ରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରିବା ସହିତ ଡାକ୍ତରଙ୍କଠାରୁ ପରାମର୍ଶ ନେଇଥିଲେ । ଏବଂ ଟାଟା ପକ୍ଷରୁ ରୋଗୀମାନଙ୍କୁ ମାଗଣାରେ ଔଷଧ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳରୁ ଶତାଧିକ ରୋଗୀ ଯୋଗ ଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମବରଦା ଲାଇନମ୍ୟାନ ପ୍ରସନ୍ନ କୁମାର ସାହୁ,ଅଭିଜିତ ନାୟକ,ଯତିନ୍ଦ୍ର କର,ଦେବପ୍ରକାଶ ରଥ,ଉମେଶ ବଞ୍ଚ,ରିଶବ କୁମାର,ବଳରାମ ବାରିକ,ସୁବ୍ରାଜିତ ପଣ୍ଡା,ମନୋଜ କୁମାର ପରିଡା ଓ ସେକ୍ ଫଜିଲା ବାରି ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀ ଓ ଆଦାନୀ ମେଗା ସ୍କାମ ପ୍ରତିବାଦରେ ପ୍ରଦେଶ କଂଗ୍ରେସର ଆନ୍ଦୋଳନ ସଜବାଜ

ସୁବର୍ଣ୍ଣପୁର, ୨୩/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଓ ଅକ୍ଷଦାନୀ ମେଗା ସ୍କାମ ପ୍ରତିବାଦରେ ରାଜ୍ୟ କଂଗ୍ରେସର ଆନ୍ଦୋଳନ ପ୍ରସ୍ତୁତି ହୋଇଛି କ୍ଷସୋନପୁର ଜ଼ିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କସ୍ତୁରୀ ଲଜ ଠାରେ ଜ଼ିଲ୍ଲା ସଭାପତି ଗୌରୀ ଶ୍ୟାମ ପଣ୍ଡାଙ୍କ ନେତୃତ୍ୱରେ ଆଜି ଏନେଇ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ନିକଟରେ ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ସରକାରର ପୁଞ୍ଜିପତି ଆଦାନୀଙ୍କ ସହିତ ସମ୍ପର୍କ ଯୋଗୁଁ କିଭଳି ଭାବରେ ଦେଶ ର ଗୁରୁତ୍ୱ ପୂର୍ଣ୍ଣ ସଂମ୍ପତି ଏବଂ ଭାରତ ବର୍ଷ ର କୋଟି କୋଟି ଜନସାଧାରଣ ଙ୍କ ବ୍ୟାଙ୍କ ରେ ସଂଚିତ ଅର୍ଥ ଓ ଏଲ ଆଇସି ରେ ଥିବା ଜମା ରାଶିକୁ ଟେକି ଦିଆଯାଇଛି ତାହାର ପର୍ଦାଫାଶ କରିଛି କଂଗ୍ରେସ । ଆଦାନୀ ଭଳି ବିଭିନ୍ନ କମ୍ପାନୀମାନଙ୍କ ରେ ସରକାର କରିଥିବା ପୁଞ୍ଜି ବିନିଯୋଗ ଯୋଗୁଁ ସାଧାରଣ ଜନତାଙ୍କ ଜମା ରାଶି ବା ବୀମାରାଶି ଟଙ୍କା ମଧ୍ୟ ଏବେ ଆଉ ସୁରକ୍ଷିତ ନୁହେଁ ବୋଲି ପ୍ରଦେଶ କଂଗ୍ରେସ ସମସ୍ତ ଜ଼ିଲ୍ଲା ମାନଙ୍କ ରେ ସାମ୍ବାଦିକ ସମ୍ମିଳନୀ କରି ଏ କଥା ଖୁଲାସା କରିଛି । ସବୁ ଜ଼ିଲ୍ଲାମାନଙ୍କରେ ଆଜି ଏହି ଇସୁକୁ ନେଇ ପ୍ରେସ ମିଟ କରାଯାଇଥିବା ବେଳେ ମାର୍ଚ୍ଚ ୬ରୁ ୧୦ ତାରିଖ ଯାଏ ରାଜ୍ୟର ସବୁ ଜ଼ିଲ୍ଲାର ପ୍ରତି ବ୍ଲକ, ଏନଏସି, ମ୍ୟୁନିସିପାଲ, ବ୍ୟାଙ୍କ ଓ ଏଲଆଇସି ଅଫିସ ଆଗରେ ଆନ୍ଦୋଳନ କରାଯିବ ଏବଂ ମାର୍ଚ୍ଚ ୧୩ ରେ ରାଜ ଭବନ ଘେରାଉ କରିବାକୁ ରାଜ୍ୟ ସଭକ୍ଷପତି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ କରିଥିବା ବିଷୟ ଏ ସମ୍ମିଳନୀ ରେ ପ୍ରକାଶ ପାଇଛି । ଏହି ସମ୍ମିଳନୀରେ ଜ଼ିଲ୍ଲା ସଭକ୍ଷପତିଙ୍କ ସମେତ ପ୍ରଦେଶ କଂଗ୍ରେସ ସଭ୍ୟ ଜିତେନ୍ଦ୍ର ପଟ୍ଟନାୟକ, ଜ଼ିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଶେଷଦେବ ମେହେର, ଟାଉନ ସଭାପତି ରଂଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କରୁ ୨୧କୋଟି ପାଇବା ଅପେକ୍ଷାରେ ଜମାକାରୀ




ଭୁବନେଶ୍ୱର, ୨୩/୦୨ (ନି.ପ୍ର): ଭୁବନେଶ୍ୱର ଅର୍ବାନ କୋଅପରେଟିଭ୍ ବ୍ୟାଙ୍କର ବ୍ୟାଙ୍କିଂ ଲାଇସେନ୍ସକୁ ଆରବିଆଇ ପ୍ରତ୍ୟାହାର କରିନେବାରୁ ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶାଙ୍କ ଆଦେଶ ସଂଖ୍ୟା ୮୮୭୦, ତା ୧୫.୦୫.୨୦୧୫ ଦ୍ୱାରା ଉକ୍ତ ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କକୁ ସମାପିତ କରାଯାଇଛି । ଏହାପରେ ରିଜର୍ଭ ବ୍ୟାଙ୍କର ନିଜସ୍ୱ ସହଯୋଗୀ ସଂସ୍ଥା ଡିପୋଜିଟ୍ ଇନସ୍ୟୁରାନ୍ସ ଆଣ୍ଡ କ୍ରେଡିଟ ଗ୍ୟାରେଣ୍ଟି କର୍ପୋରେସନ୍‌ଙ୍କ ନିୟମ ଅନୁଯାୟୀ, ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମାକାରୀଙ୍କୁ ଜମାରାଶି ପ୍ରଦାନ ପାଇଁ ଏହି ସଂସ୍ଥାର ମଞ୍ଜୁରପ୍ରାପ୍ତ ୧୫,୧୬,୫୯,୩୬୫.୧୭ଟଙ୍କା ମଧ୍ୟରୁ ୧୦,୧୮,୨୭,୭୧୪.୩୨ ଟଙ୍କା ଜମାକାରୀଙ୍କୁ ଫେରସ୍ତ କରାଯାଇଛି । ଏହାବ୍ୟତୀତ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜମାରାଶି ଥିବା ଜମାକାରୀଙ୍କୁ ୧,୯୦,୮୦,୨୭୦.୦୮ ଟଙ୍କା ଫେରସ୍ତ କରାଯାଇଛି ।

ବ୍ୟାଙ୍କରେ ବର୍ତ୍ତମାନ ସୁଦ୍ଧା ଜମାକାରୀଙ୍କର ଜମାରାଶି ବାବଦକୁ ୨୧କୋଟି ୬୧ଲକ୍ଷ ୭୩ହଜାର ଟଙ୍କା ଓ ସଭ୍ୟମାନଙ୍କର ଅଂଶଧନ ବାବଦକୁ ୬୩,୦୪,୦୬୯ଟଙ୍କା ଫେରସ୍ତ ପାଇବାକୁ ଅଛି । ସେହିପରି ବ୍ୟାଙ୍କର ଅନାଦେୟ ଋଣ ଆଦାୟ କରିବା ପାଇଁ ବିଭିନ୍ନ ଅଦାଲତରେ ଏବଂ ଇଓଡବ୍ଲ୍ୟୁରେ ତଦନ୍ତାଧୀନ ଥିବା ଋଣ ମାମଲାଗୁଡ଼ିକର ଫଇସଲା ପାଇଁ ପଦକ୍ଷେପ ନିଆଯାଉଛି, ଚିହ୍ନିତ ହୋଇନଥିବା ଜମାଖାତାଗୁଡ଼ିକର ତାଲିକା ଖବରକାଗଜରେ ପ୍ରକାଶ କରି ଜମାରାଶି ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଲିଖିତ ଉତ୍ତର ଦେଇଛନ୍ତି ।

# ରାଉରକେଲା ଏନଆଇଟି ଆୟୋଜନ କରିବ ଏକ ଭାରତ ଶ୍ରେଷ୍ଠ ଭାରତ : ଯୁବ ସଂଗମ କାର୍ଯ୍ୟକ୍ରମ

ଭୁବନେଶ୍ୱର/ରାଉରକେଲା, ୨୩/୦୨ (ନି.ପ୍ର): ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଛି ଏକ ଭାରତ ଶ୍ରେଷ୍ଠ ଭାରତ – ଯୁବ ସଂଗମ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ପାଇଁ ଏନଆଇଟି ରାଉରକେଲା ଓ ଏନଆଇଟି ସିକ୍କିମକୁ ନୋଡାଲ୍ ପ୍ରତିଷ୍ଠାନ ଭାବେ ଚୟନ କରାଯାଇଛି । ଏନଆଇଟି ରାଉରକେଲା ପକ୍ଷରୁ ସିକ୍କିମର ଯୁବକଯୁବତୀଙ୍କ ପାଇଁ ପା ଦିନିଆ ଓଡ଼ିଶା ଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ଅଧୀନରେ ସିକ୍କିମ ଏନଆଇଟିର ୨୫ ଜଣ ଛାତ୍ରଛାତ୍ରୀ ଓ ୫ଜଣ ଅଧ୍ୟାପକ/କର୍ମଚାରୀ ଫେବୃଆରୀ ୨୫ ତାରିଖ ଠାରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବେ। ଏନଆଇଟି ରାଉରକେଲାର ଏକ ଭାରତ ଶ୍ରେଷ୍ଠ ଭାରତ ସଂଯୋଜକମାନେ ସେମାନଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲି ଦେଖାଇବେ। ସିକ୍କିମର ଯୁବପ୍ରତିନିଧିମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନ ସ୍ଥଳୀ, ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ପରିଦର୍ଶନ କରିବେ। ଏହାଛଡ଼ା ରାଉରକେଲା ଏନଆଇଟି ପକ୍ଷରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୮ରୁ ୩୦ ବର୍ଷ ବୟସ୍କ ୪୦ ଜଣ ଯୁବପ୍ରତିନିଧିଙ୍କୁ ଚୟନ କରାଯାଇଛି । ଏମାନଙ୍କ ମଧ୍ୟରେ ଏନଏସଏସ/ଏନୱାଇକେଏସ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଚାକିରି କରିଥିବା ଓ ସ୍ୱାବଲମ୍ବୀ ଯୁବକଯୁବତୀ ସାମିଲ ରହିଛନ୍ତି । ଏମାନେ ମାର୍ଚ୍ଚ ପହିଲା ଠାରୁ ୭ ତାରିଖ ପର୍ଯ୍ୟନ୍ତ ସିକ୍କିମ ଗସ୍ତରେ ଯିବେ । ଯୁବ ସଂଗମ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଉଛି । ନାଗରିକ ସମ୍ପର୍କ, ବିଶେଷ କରି ଉ ର ପୂର୍ବ ଭାରତର ଯୁବବର୍ଗଙ୍କ ସହିତ ଦେଶର ଅନ୍ୟ ରାଜ୍ୟର ଯୁବବର୍ଗଙ୍କ ସମ୍ପର୍କ ଯୋଡ଼ିବା ଏହାର ଉଦ୍ଦେଶ୍ୟ। ଏହାଦ୍ୱାରା ଆୟୋଜକ ରାଜ୍ୟରେ ଜୀବନର ବିଭିନ୍ନ ସ୍ୱରୂପ, ବିକାଶର ମାଇଲଖୁ , ସାମ୍ପ୍ରତିକ ଉପଲବ୍ଧି ଏବଂ ଯୁବପିଢ଼ିଙ୍କ ସମ୍ପର୍କ ବିଷୟରେ ପରିଦର୍ଶନ ରାଜ୍ୟର ଯୁବପ୍ରତିନିଧିମାନେ ଅନୁଭୂତି ହାସଲ କରିପାରିବେ । ଗସ୍ତ ସମୟରେ ପରିଭ୍ରମଣକାରୀ ଯୁବ ପ୍ରତିନିଧିମାନେ ପା ଟି ପ୍ରମୁଖ କ୍ଷେତ୍ର – ପର୍ଯ୍ୟଟନ, ପରମ୍ପରା, ପ୍ରଗତି, ପ୍ରଦ୍ୟୋଗିକୀ ଓ ପରସ୍ପର ସମ୍ପର୍କକୁ ଉଜାଗର କରିପାରିବେ । ଭାରତ ସରକାରଙ୍କ ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ, ରେଳବାଇ, ସୂଚନା ଓ ପ୍ରସାରଣ, ଯୁବ ବ୍ୟାପାର ଓ କ୍ରୀଡ଼ା, ସ୍ୱରାଷ୍ଟ୍ର ବ୍ୟାପାର, ଉ ର ପୂର୍ବା ଳ କ୍ଷେତ୍ର ବିକାଶ ବିଭାଗ ଏବଂ ଆଇଆରସିଟିସି ପ୍ରମୁଖ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଯୁବା ସଂଗମର ପାଇଲଟ୍ କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଯୁବପିଢ଼ି ଅଂଶଗ୍ରହଣ କରିବେ । ଉ ର ପୂର୍ବ ଭାରତ ଏବଂ ଦେଶର ଅବଶିଷ୍ଟ ଭାଗର ଯୁବବର୍ଗଙ୍କ ମଧ୍ୟରେ ସମ୍ପର୍କ ଯୋଡ଼ିବା ଓ ସୁଦୃଢ଼ କରିବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ବିଶେଷ ଉପାଦେୟ ସାବ୍ୟସ୍ତ ହେବ । ଭାରତ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଭ୍ରମଣ,ରହଣି ଓ ଖାଦ୍ୟପାନୀୟ ବାବଦରେ ଛାତ୍ରଛାତ୍ରୀ କିମ୍ବା ଆୟୋଜକ ପ୍ରତିଷ୍ଠାନକୁ କୌଣସି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଗସ୍ତ ସମୟରେ ଅଂଶଗ୍ରହଣକାରୀମାନେ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥାନ, କ୍ରୀଡ଼ା ଭି ିଭୂମି, ଶିଳ୍ପ, ଧାର୍ମିକ କେନ୍ଦ୍ର, ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ମାଣ୍ଡିଆ, ବାଜରା ଜାତୀୟ ଶସ୍ୟ ଉତ୍ପାଦନରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହିତ ଆଲୋଚନା କରିବେ । ସେମାନେ ମଧ୍ୟ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବେ ଓ ରାଜ୍ୟର ସମୃଦ୍ଧ ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ । ଏନଆଇଟି ରାଉରକେଲା କ୍ୟାମ୍ପସରେ ସେମାନେ ବିବିଧ ସାଂସ୍କୃତିକ ଜୀବନଶୈଳୀର ଲୋକମାନଙ୍କ ସହିତ ରହିବାର ଅନୁଭୂତି ହାସଲ କରିବେ ଏବଂ ସେମାନଙ୍କର ବୈଜ୍ଞାନିକ ଓ ଶିକ୍ଷାଗତ ଅନ୍ୱେଷଣ ବିଷୟରେ ଜ୍ଞାନ ଆହରଣ କରିପାରିବେ । ଯୁବା ସଂଗମ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା-ସିକ୍କିମର ନୋଡାଲ ଅଧିକାରୀ ଭାବେ ଏନଆଇଟି ରାଉରକେଲାର ପ୍ରଫେସର ଝ୍ୱିନୀ ରାଉତରାୟ ଏବଂ ଏନଆଇଟି ସିକ୍କିମର ଅତିରିକ୍ତ ରେଜିଷ୍ଟ୍ରାର ଶ୍ରୀ ରାମ ନେପାଲଙ୍କୁ ଦାୟିତ୍ୱ ଦିଆଯାଇଛି ।

## ରାତି ୧୦ପରେ ଡାକବାଜି ଯନ୍ତ୍ର, ଡିଜେ ଓ ଆତସବାଜିର ରୋକଲାଗି ଜିଲାପାଳଙ୍କୁ ଫେରାଦ

ଜଳେଶ୍ୱର, ୨୩/୦୨ (ନି.ପ୍ର): ଜଳେଶ୍ୱର ପୌରା ଳ ଓ ସହରତଳି ଅଂଚଳରେ ରାତି ୧୦ପରେ ମଧ୍ୟ ଉଚ୍ଚ ସ୍ୱରରେ ଡାକବାଜି ଯନ୍ତ୍ରୀ, ଡିଜେ ବାଜିବା ସହିତ ଆତସବାଜିର ଖେଳ ସହରବାସୀଙ୍କୁ ଅତିଷ୍ଠ କରୁଛି । ବେପରୁଆଭାବେ ଲୋକେ ପୂଜା ପାର୍ବଣ, ବିବାହ, ବ୍ରତଘର ଓ ସଭାସମିତି ଇତ୍ୟାଦି କରୁଥିବାରୁ ଶବ୍ଦ ପ୍ରଦୋଷଣ ହେଉଛି । ଏପରିକି ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀମାନେ କଷ୍ଟ ପାଉଛନ୍ତି । ଏପରିକି ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଜଳେଶ୍ୱର ପୌରପାଳିକାର ୧୨ନଂ ୱାର୍ଡ ନୂଆବଜାର ଏକ ଜନବହୁଳ ଓ ସମ୍ବେଦନଶୀଳ ସ୍ଥାନ ହୋଇଥିବା ବେଳେ ୩ଟି ବେସରକାରୀ କଲ୍ୟାଣମଣ୍ଡଳ ଓ ୨ଟି ହୋଟେଲ ରହିଛି । ଫଳରେ ଡାକବାଜିଯନ୍ତ, ଡିଜେ ଓ ଆତସବାଜି କାର୍ଯ୍ୟକ୍ରଅ ନିର୍ଦ୍ଦିଷ୍ଟ ସମୟସୀମାପରେ ମଧ୍ୟ ଦେଖିବାକୁ ମିଳୁଥିବାରୁ ସେ ଅଂଚଳର ଲକ୍ଷ୍ମୀନାରାୟଣ ଜେନା, ସୁକାନ୍ତ ଦେ, ତାଷାରକାନ୍ତି ମହାନ୍ତି, ମନୋଜ ଠକ୍କର, ରାଜେଶ ବାରିକ, ଜ୍ଞାନେନ୍ଦ୍ର ରଣା, ଗୋପାଳକୃଷ୍ଣ ଦେ ପ୍ରମୁଖ ବହୁ ବ୍ୟକ୍ତି ଏହାର ନିରାକରଣ ଲାଗି ଜିଲାପାଳ ଓ ପୁଲିସ୍ ଅଧ୍ୟକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ୪ ଟି ଜିଲ୍ଲା ଗଠନ ପାଇଁ ଦାବି ଆସିଛି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୩/୦୨ (ନି.ପ୍ର): ରାଜ୍ୟରେ ଆଉ ୪ ଟି ଜିଲ୍ଲା ଗଠନ ପାଇଁ ଦାବି ଆସିଛି। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପ୍ରଶ୍ନ ର ଲିଖିତ ଉତର ରଖି ପ୍ରମିଳା କହିଛନ୍ତି, ରାଜ୍ୟରେ ନୂତନ ରାଜସ୍ୱ ଜିଲ୍ଲା ଗଠନ ପାଇଁ ବିଭିନ୍ନ ସମୟରେ ଦାବିପତ୍ର ହସ୍ତଗତ ହୋଇଛି । ବଲାଙ୍ଗୀର ଜିଲ୍ଲାର କଂଟାବାଞ୍ଜି, ଟିଟିଲାଗଡ, ବରଗଡ ଜିଲ୍ଲାର ପଦ୍ମପୁର, କଳହାଣ୍ଡି ଜିଲ୍ଲାର ଧର୍ମଗଡକୁ ନୂଆ ରାଜସ୍ୱ ଜିଲ୍ଲା କରିବାକୁ ଦାବି ରାଜସ୍ୱ ବିଭାଗର ହସ୍ତଗତ ହୋଇଛି । ସମସ୍ତ ମାନଦଣ୍ଡକୁ ବିଚାରକୁ ନେଇ ପ୍ରଚଳିତ ନୀତିନିୟମ ଆଧାରରେ ଉପଯୁକ୍ତ ସମୟରେ ନୂତନ ଜିଲ୍ଲା ଗଠନ ପାଇଁ ଆସିଥିବା ଦାବି ଗୁଡିକ ଉପରେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତାର ହାତ ବଢ଼ାଇଲେ ବିଜେଡି ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ



ନୀଳଗିରି, ୨୩/୦୨ (ନି.ପ୍ର): ନୀଳଗିରି ବ୍ଲକ ତିନିକୋଶିଆ ଜଙ୍ଗଲରେ ଗ୍ରୀଷ୍ମଦିନେ ବହୁ ସମୟରେ ନିଆଁ ଲାଗି ବହୁ ପ୍ରାକୃତିକ ଜଙ୍ଗଲ ସଂପଦ ଏବଂ ବହୁ ଉପକାରୀ ଗୁଳ୍ମଲତା ନଷ୍ଟ ହୋଇଥାଏ । ଗତ ବୁଧବାର ବ୍ଲକର ନରଣପୁର ସଂଲଗ୍ନ ଜଙ୍ଗଲରେ କୌଣସି ଦୁବୃତ ନିଆଁ ଲଗାଇ ଦେଇଥିଲା । ଫଳରେ ଜଙ୍ଗଲରେ ହୁ ହୁ ହୋଇ ନିଆଁ ଲାଗିଯାଇଥିଲା । ଋହୁଁ ଋହୁଁ ଜଙ୍ଗଲ ପାଖ ଦେହୁରୀ ସାହି ପାଖ ଜଙ୍ଗଲରେ ନିଆଁ ଲାଗିଯିବା ଫଳରେ ଫୁଟବଲ ପଡ଼ିଆ ନିକଟରେ ନିରାଶ୍ରୟା ବିଧବା ସରସ୍ୱତୀ ମଲ୍ଲିକଙ୍କ ଘରେ ନିଆଁ ଝୁଲ ପଡ଼ି ଘରଟି ସମ୍ପୂର୍ଣ୍ଣ ଜଳି ପୋଡ଼ି ଛାରଖାର ହୋଇ ଯାଇଥିଲା । ନିଆଁର ପ୍ରକୋପ ଏତେ ଥିଲା ଯେ ଘରୁ କୌଣସି ଆସବାବ ପତ୍ର କିମ୍ବା ଧାନ, ଚାଉଳ ଇତ୍ୟାଦି ଉଦ୍ଧାର କରାଯାଇ ପାରି ନ ଥିଲା । ନୀଳଗିରି ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଂଚିଥିଲେ ମଧ୍ୟ ଘରଟି ସଂପୂର୍ଣ୍ଣ ପୋଡ଼ି ଯାଇଥିଲା । ଖୋଲା ଆକାଶ ତଳେ ସରସ୍ୱତୀ ଅଖିଆ ଅପିଆ ରହିଥିବା ବେଳେ ବାଲେଶ୍ୱର ତଥା ନୀଳଗିରି ଅଂଚଳରେ ଦୀନ ଦୁଃଖୀଙ୍କ ସୁଖୁଦୁଃଖରେ ସାମିଲ ଥାଇ ସଦାସର୍ବଦା ଜନସେବା କରିବାର ବ୍ରତ ରଖିଥିବା ଯୁବ ସମାଜସେବୀ ତଥା ରାଜ୍ୟ ବିଜେଡି ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଅଗ୍ନିବିପନ୍ନ ପରିବାରଙ୍କ ଠାରେ ପହଂଚି ତୁରନ୍ତ କିଛି ଆର୍ଥିକ ସାହାଯ୍ୟ କରିବା ସହିତ ୨ଗୋଟି ତମ୍ବୁ ପ୍ରଦାନ କରିଥିଲେ । ଆଗାମୀ ୧୦/୧୫ଦିନ ପାଇଁ ରାସନ ସାମଗ୍ରୀ ଯୋଗାଇବା ସହିତ କମ୍ବଳ ଓ ପିନ୍ଧାଲୁଗା ଦେବାର ପ୍ରତିଶୃତି ଦେଇ ନିଜ କର୍ମୀଙ୍କୁ ତୁରନ୍ତ ବିପନ୍ନ ପରିବାରକୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଘଟଣାସ୍ଥଳରୁ ନୀଳଗିରି ତହସିଲଦାରଙ୍କୁ ଫୋନ କରି ଯଥାଶୀଘ୍ର ବରହମପୁର ଆର.ଆଇ. ଙ୍କୁ ତଦନ୍ତ କରି ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ କହିଥିଲେ । ତାଙ୍କ ସହ ନୀଳଗିରି ବିଜେଡି ଜନଜାତି ସେଲର ଅଧକ୍ଷ ଶରତ ଦାସ, ସମାଜସେବୀ ରମେଶ ବାଗ, ସଂଜୟ ନାୟକ, ପ୍ରମୁଖ ଅଗ୍ନି ବିପନ୍ନ ପରିବାରକୁ ଭେଟି ସମବେଦନା ଦେବା ସହ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ଶୁଭେନ୍ଦୁ ଜେନାଙ୍କ ଏଭଳି ଜନମଙ୍ଗଳ କାର୍ଯ୍ୟକୁ ଅଂଚଳବାସୀ ଭୂୟସୀ ପ୍ରଶଂସା କରିଥିଲେ । ପରେ ଦୀର୍ଘଦିନ ଧରି ପେଟର ଯନ୍ତ୍ରଣା ଅନୁଭବ କରି ଅସ୍ତ୍ରପଚାର ହୋଇ ଚିକିତ୍ସିତ ହେଉଥିବା ନରଣପୁରର ଯୁବ ସମାଜସେବୀ ତଥା ବିଜେଡି ନେତା ବିଶ୍ୱମ୍ଭର ପରିଡ଼ାଙ୍କୁ ତାଙ୍କ ବାସଭବନରେ ଭେଟି ଶ୍ରୀ ମଙ୍ଗରାଜ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ ।

## ସ୍ୱର୍ଗତଃ ବିମଳଲୋଚନ ଦାସଙ୍କ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ



ବାରିପଦା, ୨୩/୦୨ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଓଡିଶାର ବିଶିଷ୍ଟ ସମବାୟବିତ୍ ବାରିପଦାର ପୂର୍ବତନ ବିଧାୟକ, ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ବିମଳଲୋଚନ ଦାସଙ୍କ ଦ୍ୱିତୀୟ ମହାପ୍ରୟାଣ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥି ଜେନାଙ୍କ ଅଧକ୍ଷତାରେ ସ୍ଥାନୀୟ ହୋଟେଲ୍ ଅମ୍ବିକା ସମ୍ମିଳନୀ କକ୍ଷରେ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ତଥା ସାହିତ୍ୟିକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ସ୍ୱର୍ଗତଃ ଦାସଙ୍କର ସ୍ମୃତିଚାରଣ ପୂର୍ବକ ତାଙ୍କର ଜୀବନାଦର୍ଶ ପରବର୍ତ୍ତୀ ପୀଢିଙ୍କ ପାଇଁ ଅନୁକରଣୀୟ ବୋଲି କହିବା ସହ ତାଙ୍କର ପାଞ୍ଚଭୌତିକ ଶରୀର କାଳବର୍ତ୍ତରେ ବିଲୀନ ହୋଇଥିଲେ ମଧ ସେ ସବୁଦିନ ତାଙ୍କ କର୍ମ ପାଇଁ ବଞ୍ଚି ରହିବେ ବୋଲି ବର୍ଣ୍ଣନା କରିଥିଲେ । ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ତଥା ଶିଶୁ ସାହିତ୍ୟର ଗବେଷକ ଡ. ବିଜୟ କୁମାର ଅଗରୱାଲା ମୁଖ୍ୟବକ୍ତା, ବାରିପଦା ପୌରପରିଷଦର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି ସମ୍ମାନୀତ ଅତିଥି ଓ ସମାଜସେବୀ ମୁରାରୀଲାଲ ଶର୍ମା ସମ୍ବର୍ଦ୍ଧିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଡ. ଅଗରୱାଲା ତାଙ୍କ ଅଭିଭାଷଣରେ ବିମଳ ବାବୁଙ୍କ ଜୀବନର ଅନେକ ତଥ୍ୟ ଉପସ୍ଥାପନ କରିବା ସହ ତାଙ୍କ ପରିବାର ସହିତ ବିମଳ ବାବୁଙ୍କ ଘନିଷ୍ଠ ସମ୍ପର୍କକୁ ଅତିସୁନ୍ଦର ଭାବରେ ବଖାଣି ଥିଲେ । ମୁଖ୍ୟ ଅତିଥି ଶ୍ରୀ ସିଂହ ଭୁବନେଶ୍ୱରେ ମୟୂରଭଞ୍ଜ ଭବନ ନିର୍ମାଣଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦିବଙ୍ଗତ ଦାସଙ୍କ ଅବଦାନ ଅତୁଳନୀୟ ବୋଲି ବିଭିନ୍ନ ଉଦାହରଣ ମାଧମରେ ପ୍ରକାଶ କରିଥିଲେ । ସଭାପିତ ଡା. ଜେନା ପୁରାଣରୁ ଅନେକ ଉଦାହରଣ ଦେଇ ଦାନ ହିଁ ମନୁଷ୍ୟ ଜୀବନର ଶ୍ରେଷ୍ଠ କର୍ମ ବୋଲି ବର୍ଣ୍ଣନା କରି ବିମଳ ବାବୁ ଯାହା ଦାନ କରିଛନ୍ତି ତାହା ତାଙ୍କ ପରଜନ୍ମ ପାଇଁ ଗଚ୍ଛିତ ରହିଛି ବୋଲି କହିଥିଲେ । ସମ୍ବର୍ଦ୍ଧିତ ଅତିଥି ଶ୍ରୀ ଶର୍ମା ବିମଳ ବାବୁଙ୍କ ସହିତ ତାଙ୍କର ନିବିଡ ସମ୍ପର୍କକୁ ଅତି ଭାବ ଗଦ୍‌ଗଦ କଣ୍ଠରେ କହିବା ସହ ସେ ଜଣେ ମଣିଷ ପରି ମଣିଷ ଥିଲେ ବୋଲି କହିଥିଲେ । ଏହି ଅବସରରେ ମୁରାରୀଲାଲା ଶର୍ମାଙ୍କୁ ତାଙ୍କ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ, ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ବିମଳଲୋଚନ ଦାସଙ୍କ ସ୍ମୃତିରେ ସମର୍ପିତ ବିମଳଲୋଚନ ଦାସ ସ୍ମୃତି ସମ୍ମାନ - ୨୦୨୩ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶରତଚନ୍ଦ୍ର ନାୟକ, ସୁଧାମୟୀ ଦାସ, ନରସିଂହ ବାରିକ, ମହେନ୍ଦ୍ରନାଥ ଦାସ, ଛୋଟେଲାଲ ମହାନ୍ତ, ଭଗବତୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ମେଜର୍ ଡ. ରବିନ୍ଦ୍ରନାଥ ପରିଡା, ସୁକାନ୍ତ ଜୀଉ, ହିମାଂଶୁ ଶେଖର ଦାସ, ଡ. ବିଚିତ୍ରନାଥ ସାହୁ, ଅଧ୍ୟାପକ ରାଜେନ୍ଦ୍ର ସାମଲ, ଗୀତାରାଣୀ ସାହୁ, ସାମ୍ବାଦିକ ଓ ବୁଦ୍ଧିଜୀବି ଉପସ୍ଥିତ ଥାଇ ବିମଳବାବୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରିଶେଷରେ ସମ୍ପାଦକ ଭାଗବତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କାଦରାବାଦ ଶ୍ରୀଜଗନ୍ନାଥ-ବିମଳା ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ଦିନ

ବାଲେଶ୍ୱର, ୨୩/୦୨ (ନି.ପ୍ର): ବୁଧବାରଠାରୁ ବୈଦିକ ରୀତିନୀତିରେ ଆରମ୍ଭ ହୋଇଛି ସହରର କାଦରାବାଦ କାନ୍ତେଶ୍ୱର ମହାଦେବ ମନ୍ଦିର ବେଢ଼ାର ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ ବିମଳା ମନ୍ଦିର ପ୍ରତିଷ୍ଠା ଉତ୍ସବ। ମଙ୍ଗଳବାର ଯାଜକମାନଙ୍କ କାୟାଶୁଦ୍ଧି, ପଞ୍ଚଗବ୍ୟ ଶୋଧନ ଓ ଭକ୍ଷଣ ଏବଂ ଅଧିବାସ ସହ ବୁଧବାର ସକାଳେ କଳସ ଶୋଭାଯାତ୍ରା, ଘଟସ୍ଥାପନା, ବିଗ୍ରହ ଅଭିଷେକ, ମନ୍ଦିର ଶିଖର ସ୍ନାନ, ଅଗ୍ନି ଆବାହନ ସାଙ୍ଗକୁ ଯଜ୍ଞ ଶୁଭାରମ୍ଭ ହୋଇଥିଲା। ଗୁରୁବାର ପ୍ରାତଃକାଳରେ ବିଷ୍ଣୁ ସହସ୍ର ନାମ ଓ ଶ୍ରୀସୂକ୍ତ ପାଠ, ବିଗ୍ରହଙ୍କ ଆସ୍ଥାନ ବିଜେ, ଯଜ୍ଞକର୍ମ ସହ ସଂଧ୍ୟା ଆରତୀ ଆଦି ଅନୁଷ୍ଠିତ ହୋଇଥିଲା। ସଂଜୟ କୁମାର କର, ରମେଶ ଚନ୍ଦ୍ର ହୋତା, ନିରଂଜନ ତ୍ରିପାଠୀ, ଲକ୍ଷ୍ମଣ କୁମାର ପଣ୍ଡା, ରାଜେନ୍ଦ୍ର ନନ୍ଦ ପ୍ରମୁଖ ପଣ୍ଡିତଙ୍କ ସମେତ ୧୫ ଜଣ ବ୍ରାହ୍ମଣ ଏହି ପ୍ରତିଷ୍ଠା ଉତ୍ସବରେ ନିୟୋଜିତ ହୋଇଛନ୍ତି। ସଂଧ୍ୟାରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଭରତ ଚନ୍ଦ୍ର ମହାନ୍ତି ପ୍ରବଚନ ଦେଇଥିଲେ। ଆସନ୍ତା ୨୪ ତାରିଖରେ ବିଗ୍ରହ ପ୍ରାଣପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦ୍ୱିତୀୟ ଦିନରେ କାଦରାବାଦ ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏହି ପ୍ରତିଷ୍ଠା ଉତ୍ସବରେ ପହଞ୍ଚି ଶ୍ରୀଜଗନ୍ନାଥ ଓ ମା ବିମଳାଙ୍କୁ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ତ୍ୟାଗ ଓ ସେବା ହିଁ ମଣିଷକୁ .....

ସ୍ଥାପନ କରିଯାଇଛନ୍ତି। ଓଡିଶାରେ ଜାତୀୟବାଦୀ ଚେତନାର ବିକାଶରେ ସେ ଥିଲେ କର୍ଣ୍ଣଧାର। ଭୋଗ ନୁହେଁ, ତ୍ୟାଗ ହିଁ ମହାନ, ସେବା ହିଂ ଶ୍ରେଷ୍ଠ - ଏହା ହିଁ ହେଉଛି ଗୋପବନ୍ଧୁଙ୍କ ଜୀବନର ବାର୍ତ୍ତା। ସେ ସବୁବେଳେ ଆମ ପାଇଁ ପ୍ରେରଣା ହୋଇ ରହିଛନ୍ତି ଓ ରହିଥିବେ। ଗୋପବନ୍ଧୁଙ୍କ 'ଭାର୍ଗବୀ ସଂକଳ୍ପ'କୁ ଜୀବନର ବ୍ରତ କରି ଏକ ନୂଆ ଓ ସଶକ୍ତ ଓଡିଶା ଗଠନ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଗୋପବନ୍ଧୁଙ୍କ ଜନ୍ମ ମାଟିର ବିକାଶ ରେ ମୁଖ୍ୟମନ୍ତ୍ରୀ ଏଥିପାଇଁ ଉତ୍କଳମଣିଙ୍କ ପରିବାର ଓ ସୁଆଣ୍ଡୋଙ୍କ ଜନସାଧାରଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଏହାସହିତ ରାଜ୍ୟ ସଂସ୍କୃତି ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନକୁ ମଧ୍ୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ଗୋପବନ୍ଧୁଙ୍କ ନାତି ଧିରେନ୍ଦ୍ର କୁମାର ଦାସ, ଉତ୍କଳମଣୀଙ୍କ ଜନ୍ମପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ଏହାଦ୍ୱାରା ରାଜ୍ୟରେ ମହାପୁରୁଷ ମାନଙ୍କ ମାର୍ଗରେ ଚାଲିବାକୁ ଜନସାଧାରଣ ପ୍ରେରିତ ହେବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ପ୍ରମୁଖ ଅଭିଭାଷଣ ରଖି ଗୋପବନ୍ଧୁଙ୍କ ଜନ୍ମପୀଠର ବିକାଶ ସହିତ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ଓଡିଶାର ରୂପାନ୍ତର ଉପରେ ଆଲୋକପାତ କରିଥିଲେ। ଏହାସହିତ ସାଂସଦ ପିନାକୀ ମିଶ୍ର, ବିଧାୟକ ଉମାକାନ୍ତ ସାମନ୍ତରାୟ ସମାଜ ଖବରକାଗଜ ପକ୍ଷରୁ ନିରଞ୍ଜନ ରଥ ମଧ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବୈଠକରେ ଉତ୍କଳମଣିଙ୍କ ସଂପର୍କରେ ଏକ ବୃତଚିତ୍ର ପ୍ରଦର୍ଶିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଗୋପବନ୍ଧୁଙ୍କ ୭ ଜଣ ନାତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ରାଜ୍ୟ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପୁରୀ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ସ୍କ୍ରାପ ହେବ୨୦ ଲକ୍ଷରୁ ....

ହେଉଥିବା ୧୨୩୧ ବସ୍ ୧୫ ବର୍ଷ ପୁରୁଣା । ସେହିପରି ୨ ହଜାରରୁ ଅଧିକ ପୁରୁଣା ଡମ୍ପର ରହିଛି । କେବଳ ୨୬୦ଟି ଡମ୍ପରର ଫିଟେନସ୍ ଅଛି । ଦେଢ଼ ଲକ୍ଷରୁ ଅଧିକ ସାମଗ୍ରୀ ପରିବହନ ଗାଡ଼ି ପୁରୁଣା ହୋଇଗଲାଣି । ନିୟମ ଅନୁଯାୟୀ ରାଜ୍ୟେର ଏବେ ୨୦ ଲକ୍ଷରୁ ଅଧିକ ଗାଡ଼ି ସ୍କ୍ରାପିଂ ପାଇଁ ଉପଯୁକ୍ତ । ଯେଉଁଥିରେ ରହିଛି ପାଖାପାଖି ୧୩ ଲକ୍ଷ ବାଇକ୍ ଓ ସ୍କୁଟର । ପରିବହନ ମନ୍ତ୍ରୀଙ୍କ ତଥ୍ୟ ଅନୁସରେ ରାଜ୍ୟେର ଯେତିକି ଫିଟେନସ୍ ଥିବା ବସ ଚାଲିଛି, ତା'ଠାରୁ ପ୍ରାୟ ଦେଢ଼ ଗୁଣ ଅଧିକ ୧୫ ବର୍ଷର୍ ପୁରୁଣା ଗାଡ଼ି । ଏପରିକି ଶିକ୍ଷାନୁଷ୍ଠାନ ପାଇଁ ଉଦ୍ଦିଷ୍ଟ ୧୨୩୧ଟି ବସ୍ ପୁରୁଣା । ଯଦି ଏଗୁଡିକ ରାସ୍ତାରେ ଗଡୁଥାଏ, ତେବେ ଏହା କେତେ ସାଂଘାତିକ ଅନୁମାନ କରହେଉଛି । ପ୍ରଦୂଷଣ ଓ ଦୁର୍ଘଟଣା ରୋକିବା ପାଇଁ ସରକାର ଆଣିଛନ୍ତି ସ୍କ୍ରାପିଂ ପଲିସି । ଯେଉଁଥିରେ ୧୫ ବର୍ଷରୁ ଅଧିକ ସମୟ ଧରି ପଞ୍ଜିକୃତ ହୋଇଥିବା ଗାଡ଼ିକୁ ସ୍କ୍ରାପିଂ କରାଯିବ । ବିଧାନସଭାରେ ଲିଖିତ ଉ ର ରଖି ପରିବହନ କହିଛନ୍ତି, ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ସମସ୍ତ ପୁରୁଣା ଗାଡ଼ି ଗୁଡିକୁ ହଟାଇ ଦିଆଯିବା ପାଇଁ ନିଷ୍ପତି ହୋଇଛି । ମାର୍ଚ୍ଚ ୧୫ ସୁଦ୍ଧା ଏହି ଗାଡ଼ିଗୁଡ଼ିକୁ ସ୍କ୍ରାପିଂ କରାଯିବ ।

### ଅଧିକାରୀ ମାନେ ବିଧାୟକଙ୍କୁ ....

ଉତର ଦେବେ । ଯଦି ସେତେବେଳେ ଦେଇ ପାରିବେ ନାହିଁ ତେବେ ପରେ କଲ ବ୍ୟାକ କରିବେ । ମାତ୍ର ସମସ୍ୟାର ସମାଧାନ ତ ଦୂରର କଥା ଅଧିକାରୀ ମାନେ ତାଙ୍କ ପତ୍ରର ଉତର ମଧ୍ୟ ଦେଉ ନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍‌ବାରା ଭର୍ଚୁଆଲ ମାଧ୍ୟମରେ କରା ଯାଉଥିବା ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମାନଙ୍କର ନାମ ଫଳକରେ ଦିଆ ଯାଉ ନାହିଁ । ଏହା ସେହି ଅଂଚଳର ଲୋକ ମାନଙ୍କର ଅପମାନ । କାରଣ ଗଣତନ୍ତ୍ରରେ ସେମାନେ ତାଙ୍କୁ ବିଜୟୀ କରି ବିଧାୟକ କରିଛନ୍ତି ।

## ସାହିତ୍ୟିକ ଭାସ୍କର ଚନ୍ଦ୍ର ବିଶ୍ୱାଳଙ୍କ ୫ଟି ପୁସ୍ତକ ଲୋକାର୍ପିତ

ରେମୁଣ, ୨୩/୦୨ (ନି.ପ୍ର): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାହିତ୍ୟିକ ଭାସ୍କର ଚନ୍ଦ୍ର ବିଶ୍ୱାଳଙ୍କର ୫ଟି ପୁସ୍ତକ ସ୍ଥାନୀୟ ହନୁମାନ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ସତ୍ୟରଞ୍ଜନ ଦାସ ଓ ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଡ. ମଦନମୋହନ ପତି, ପୂର୍ବତନ ଅଧ୍ୟକ୍ଷ, ମୁଖ୍ୟବକ୍ତା ଭରତ ଚନ୍ଦ୍ର ମହାନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ, ସମୀକ୍ଷକ ପଣ୍ଡିତ ନିରଞ୍ଜନ ସାହୁ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ସୁବେଦାର ମେଜର ଗିରୀଶ କୁମାର ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପୀତାମ୍ବର ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପୁସ୍ତକ ସମ୍ପର୍କରେ ସମୀକ୍ଷା କରି ଭାସ୍କର ବିଶ୍ୱାଳଙ୍କ ସାହିତ୍ୟ ସାଧନାକୁ ଭୂୟସୀ ପ୍ରଶଂସା କରିଥିଲେ । ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ହରମୋହନ ଜେନା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ କବି ପ୍ରଭାକର ସାହୁ ମଞ୍ଚ ଆବାହନ କରିଥିଲେ । କୁମାରୀ ଜାଗୃତି ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ ପଣ୍ଡିତ ଶକ୍ତିପଦ ପଣ୍ଡା ଓ ପଣ୍ଡିତ ନାୟକ କୁମାର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ । ଲେଖକ ଭାସ୍କର ଚନ୍ଦ୍ର ବିଶ୍ୱାଳ ଲେଖକୀୟ ଅଭିମତ ରଖିଥିବାବେଳେ ପାହାନ୍ତା ତାରାପ୍ରକାଶନିର ପ୍ରତିଷ୍ଠାତା କମଳ ଦାସ ପ୍ରକାଶକୀୟ ମନ୍ତବ୍ୟ ଦେଇଥିଲେ । 'ଦେବକୀ ମାଆ ନୁହେଁ ଓ ଅନ୍ୟାନ୍ୟ ଗଳ୍ପ', 'ଗଳ୍ପ ସମାରୋହ', 'କବିତାଗୁଚ୍ଛ', ବିଂଶ ଶତାବ୍ଦିର ଛାତ୍ର (ନାଟକ) ଓ 'ଢଗଢମାଳି ଓ କୃଷିବଚନ' ୫ଟି ପୁସ୍ତକ ଲୋକାର୍ପିତ ହୋଇଥିଲା । ଧନ୍ୟବାଦ ଦେଇଥିଲେ କବି ଗର୍ଗପଦ ପଣ୍ଡା । ପ୍ରଥମ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ କବି ବିଧାନ ଚନ୍ଦ୍ରରାୟ, ଗୀତିକାର ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନା ଓ ମୁଖ୍ୟ ଅତିଥି ଶରତ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଅଭିମନ୍ୟୁ କାନୁନ୍‌ଗୋଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । କବି ଜଳଧର ପଣ୍ଡା, ଚକ୍ରଧର ଦାସ, ବାସନ୍ତୀ ଦାସ, ଜୟଶ୍ରୀ ମିଶ୍ର, ସୁନାମଣି ଜେନା, ଦୀନବନ୍ଧୁ ଦାସ, ଦୟାଳ ଚନ୍ଦ୍ର ଦାଶ ସମେତ ଅନେକ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସଭାରେ ଅନେକ ସାହିତ୍ୟିକ ଓ ବିଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ମହିଳା ଗୋଷ୍ଠୀଙ୍କ ଆତ୍ମ ନିର୍ଭରଶୀଳ ପାଇଁ ଜିଲ୍ଲାପାଳଙ୍କ ନୂଆ ପଦକ୍ଷେପ

ନୀଳଗିରି, ୨୩/୦୨ (ନି.ପ୍ର): ମହିଳା ଗୋଷ୍ଠୀ ଗୁଡ଼ିକର ସ୍ୱରୋଜଗାର ଓ ଆତ୍ମନିର୍ଭରଶୀଳ ପାଇଁ ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଧେ ଏକ ନୂତନ ପ୍ରକଳ୍ପକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ଏଥିପାଇଁ ଗୁରୁବାର ଜିଲ୍ଲାପାଳ ରଷିଆ ଡ୍ୟାମର ଫିସ କ୍ୟାଚ କଲଚରର ଶୁଭ ଉଦଘାଟନ କରିଛନ୍ତି । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମାଛ ଋଷ କରି ଅର୍ଥ ଉପାର୍ଜନ କରିବା ସହ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଥିବା କେ.ସି.ପୁର ପଂଚାୟତର କୁଲଡିହା ଅଭୟାରଣ୍ୟ ଭିତରେ ଥିବା ରଷିଆ ଡ୍ୟାମ ପାଣି ଭିତରେ ପିଞ୍ଜରା ମାଛ ଋଷ ପାଇଁ ପନ୍ଦର ଲକ୍ଷ (୧୫ ଲକ୍ଷ) ଟଙ୍କା ଅଟକଳ ବ୍ୟୟରେ ପ୍ରଥମ ଥର ପାଇଁ ନୀଳଗିରି ରେ କରାଗଲା ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଓଡ଼ିଶା ଜୀବିକା ଶକ୍ତି ବିଭାଗରୁ ଆସିଥିବା ୧୫ ଲକ୍ଷ ଟଙ୍କା ଅନୁଦାନ ରାଶି ଡ୍ୟାମ ମଧ୍ୟରେ ୧୬ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ କେଜ୍ କରାଯାଇ ଉକ୍ତ କ୍ୟାଜରେ ୨୦୦୦ ପିସ୍ ଅର୍ଥାତ୍ ୨କ୍ୟୁଂଟାଲ ମାଛ ଛଡ଼ା ଯାଇଛି । ୩ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଉକ୍ତ ପ୍ରକଳ୍ପ ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ନୀଳଗିରି ବି.ଡି.ଓ. ରାହୁଲ ମଣ୍ଡଳ, ମିଶନ ଶକ୍ତି ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିଶ୍ୱଜିତ୍ ପରିଡ଼ା, ବ୍ଲକ ପ୍ରକଳ୍ପ ଅଧିକାରୀ ଅର୍ଜୁନ ପାଲ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଏ.ପି.ଓ. ମିନତୀଲତା ଦାସ ସମେତ ୩ଗୋଟି ମହିଳା ସଂଘର ସମସ୍ତସଭ୍ୟା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାସୁଦେବପୁର, ୨୩/୦୨ (ନି.ପ୍ର): ବାସୁଦେବପୁର ନଗର ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ତରଫରୁ ଆସନ୍ତା ଫେବୃଆରୀ ୨୮ ତାରିଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ହୋଟେଲ ସ୍ନେହା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ବରିଷ୍ଠ ନେତା ଅଲ ଇଣ୍ଡିଆ କଂଗ୍ରେସ କମିଟି ର ସଦସ୍ୟ ଅଶୋକ ଦାସଙ୍କ ଜନ୍ମଦିନ ପାଳନ ହେବ । ବାସୁଦେବପୁର ଟାଉନ ହଲ ରେ ଏହି କାର୍ଯ୍ୟକ୍ରମ ହେବ । ଆଜିର ଏହି ପ୍ରସ୍ତୁତି ବୈଠକ ନଗର ଯୁବ କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ଼ଙ୍କ ନେତୃତ୍ୱ ରେ ହୋଇଥିଲା । ଛାତ୍ର କଂଗ୍ରେସ ସଭାପତି ମନୋରଞ୍ଜନ ପାଢ଼ୀ, ଯୁବ ନେତା ସୁବ୍ରତ ବେହୁରା, ସନ୍ତୋଷ ସାହୁ, ଅକ୍ଷୟ ବାରିକ, ବରିଷ୍ଠ ନେତା ପ୍ରଭାତ ବାରିକ ପ୍ରମୁଖ ଏହି ବୈଠକ ରେ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩/୦୨ (ନି.ପ୍ର): ଝାରସୁଗୁଡା ଜିଲ୍ଲା ଗୋଁଣ୍ଡୱାନା ଛକକୁ 'ବୀର କରୁଣାକର ସିଂହ ନାଏକ ଛକ' ଭାବେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଐତିହାସିକ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ ଜନଜାତି ସମୁଦାୟର ପ୍ରତିନିଧିତ୍ୱ କାହିଁ କେଉଁ କାଳରୁ ରହିଆସିଛି । ଜନଜାତିକୁ ବାଦ୍ ଦେଇ ଓଡ଼ିଆ ସଭ୍ୟତାର ପରିକଳ୍ପନା ଅସମ୍ଭବ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଜନଜାତୀୟ ମୂଳକୁ ମନେ ପକାଇ ଓଡ଼ିଆ ଜାତି ସବୁବେଳେ ଗର୍ବ କରିଆସିଛି । ଏହି କାରଣରୁ ହିଁ ଓଡ଼ିଶାର ଶାସକଶ୍ରେଣୀ କାଳେକାଳେ ଜନଜାତି ଭାଇଭଉଣୀମାନଙ୍କୁ ଆପଣା ପ୍ରଜାଠାରୁ ବି ଅଧିକ ବୋଲି ମଣିଆସିଛନ୍ତି । ଏହି କ୍ରମରେ ଝାରସୁଗୁଡ଼ା କୋଲାବିରାର ଗୋଁଣ୍ଡ ଗଉଁତିଆ ଶହୀଦ କରୁଣାକର ସିଂହ ନାଏକ ଥିଲେ ଗୋଁଣ୍ଡ ସମୁଦାୟର ଅନ୍ୟତମ ସର୍ବମାନ୍ୟ ମୁଖିଆ । ପୃଥିବୀର ସର୍ବପୁରାତନ ଜନଜାତି ଭିତରୁ ଅନ୍ୟତମ ଏହି ଗୋଁଣ୍ଡ ସମୁଦାୟ ଓଡ଼ିଶା ସମେତ ସମଗ୍ର ମଧ୍ୟ-ଭାରତର ବିରାଟ ଭୂଖଣ୍ଡରେ ଶତାବ୍ଦୀ ଶତାବ୍ଦୀ ଧରି ରାଜୁତି କରି ଆସୁଛନ୍ତି । ରାଣୀ ଦୁର୍ଗାବତୀ, ଭଗବାନ ବିର୍ସା ମୁଣ୍ଡା, ଶହୀଦ ମାଧୋ ସିଂହ, ବୀର ସୁରେନ୍ଦ୍ର ସାଏ ପ୍ରମୁଖଙ୍କ ନେତୃତ୍ୱର ବୀରଗାଥା ଗୋଁଣ୍ଡ ଜନଜାତି ତଥା ସମସ୍ତ ଭାରତୀୟଙ୍କୁ ଗର୍ବ କରିବାକୁ ବାଧ୍ୟ କରେ । ଗୋଁଣ୍ଡୱାନା ଛକକୁ ବିପ୍ଳବୀ ବୀର ତଥା ଶହୀଦ କରୁଣାକର ସିଂହ ନାଏକଙ୍କ ନାଁରେ ନାମିତ କରାଗଲେ ଏହି ମହାନାୟକଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ଝାରସୁଗୁଡ଼ାବାସୀ ଏବଂ ଗୋଁଣ୍ଡ ସମାଜ ପ୍ରତି ଉପଯୁକ୍ତ ସମ୍ମାନ ମିଳିବ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ମୁକ୍ତି ସଂଗ୍ରାମରେ ଗଣ୍ଡ ସମାଜର ତ୍ୟାଗ ଏବଂ ବଳିଦାନ ଅବିସ୍ମରଣୀୟ । ଆମେ ଯେତେବେଳେ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଅଛେ, ଜନଜାତି ସମାଜର ସଂଗ୍ରାମୀ ବୀର-ବୀରାଙ୍ଗନାମାନଙ୍କର ଅକୁହା-ଅଲେଖା କଥା-କାହାଣୀଗୁଡ଼ିକୁ ଲୋକଲୋଚନକୁ ଆଣିବାର ଗୁରୁଦାୟିତ୍ୱ ବି ଆମେ ତୁଲାଉଛେ ।

# ଅର୍ଥନୀତି ସର୍ବେକ୍ଷଣ ରିପୋର୍ଟ : ଅର୍ଥନୀତି ୭.୮ ପ୍ରତିଶତ ବୃଦ୍ଧି ପାଇବା ଆକଳନ

ଭୁବନେଶ୍ୱର,୨୩/୦୨ (ନି.ପ୍ର): ୨୦୨୨-୨୩ ବର୍ଷ ର ଅର୍ଥନୀତି ସର୍ବେକ୍ଷଣ ରିପୋର୍ଟ ଗୁରୁବାର ପ୍ରକାଶ ପାଇଛି। ଏହା ଅନୁଯାୟୀ ଅଗ୍ରୀମ ଆକଳନ ଅନୁଯାୟୀ ୨୦୨୨-୨୩ରେ ଓଡ଼ିଶାର ଅର୍ଥନୀତି ୭.୮ ପ୍ରତିଶତ ବୃଦ୍ଧି ପାଇବ। ସର୍ବଭାରତୀୟ ଅଭିବୃଦ୍ଧି ୭.୦ ପ୍ରତିଶତ ବୋଲି ଆକଳନ କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ପାଇଁ ସାମଗ୍ରିକ ଭାବରେ ଭବିଷ୍ୟତର ଅଭିବୃଦ୍ଧି ଉତ୍ସାହଜନକ। ୨୦୨୩-୨୪ରେ ରାଜ୍ୟ ଅର୍ଥନୀତି ୮ରୁ ୮.୫ ପ୍ରତିଶତ ବୃଦ୍ଧି ହେବାର ଆଶା କରାଯାଉଛି। ୨୦୨୨-୨୩ ଅଗ୍ରୀମ ଆକଳନ ଅନୁଯାୟୀ ଓଡ଼ିଶାର ମୁଣ୍ଡପିଛା ଆୟ ୧,୫୦,୬୭୬ ଟଙ୍କା ଅଟେ। ୨୦୧୧-୧୨ ରୁ ୨୦୨୨-୨୩ (ଏଇ) ମଧ୍ୟରେ ଓଡ଼ିଶାର ମୁଣ୍ଡପିଛା ଆୟର ବାର୍ଷିକ ପୁନଃପୌନିକ ଅଭିବୃଦ୍ଧି ହାର ହେଉଛି ୧୦.୯ ପ୍ରତିଶତ । ଜାତୀୟ ହାର ତୁଳନାରେ ଓଡ଼ିଶାର ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ଦ୍ରୁତତର ଅଟେ । ୨୦୨୨-୨୩ (ଏପ୍ରିଲ-ଡିସେମ୍ବର) ମଧ୍ୟରେ ଓଡ଼ିଶାରେ ହାରାହାରି ମାସିକ ମୁଦ୍ରାସ୍ଫୀତି ୬.୫୬ ପ୍ରତିଶତ ଅଟେ, ଯାହା ସର୍ବ ଭାରତୀୟ ହାର (୬.୮୧ ପ୍ରତିଶତ) ଠାରୁ କମ୍ ଅଟେ । ଫଳପ୍ରଦ ଖାଦ୍ୟ ଶସ୍ୟର ସାଧାରଣ ବଂଟନ ବ୍ୟବସ୍ଥା ତଥା ମଧ୍ୟାହ୍ନ ଭୋଜନ ଯୋଜନା ରାଜ୍ୟରେ ମୁଦ୍ରାସ୍ଫୀତି କମ୍ ରଖିବାରେ ସହାୟକ ହୋଇଛି । ୨୦୨୨-୨୩ରେ କୃଷି କ୍ଷେତ୍ରରେ ୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଯାହା ସମଗ୍ର ଭାରତ ସ୍ତରରେ ଆଶା କରାଯାଉଥିବା ଅଭିବୃଦ୍ଧି (୩.୫ ପ୍ରତିଶତ) ଠାରୁ ଅଧିକ ଅଟେ । ଶିଳ୍ପ କ୍ଷେତ୍ର ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ନେଇଛି । ୨୦୨୨-୨୩ ମସିହାରେ ଏହି କ୍ଷେତ୍ର ୬.୦୫ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ଯାହା ସମଗ୍ର ଭାରତ ସ୍ତରରେ ୪.୧ ପ୍ରତିଶତ ରହିଛି। ୨୦୨୨-୨୩ ଅଗ୍ରୀମ ଆକଳନ ଅନୁଯାୟୀ ସେବା କ୍ଷେତ୍ରରେ ୮.୭୯ ପ୍ରତିଶତ ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି ।

## କେବେ ମିଳିବ ବାର୍ଦ୍ଧକ୍ୟ ଭତ୍ତା : ପୁରସ୍ତମ



ଉଦଳା, ୨୩/୦୨ (ନି.ପ୍ର): ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଘୁଂଟିବଣୀ ଗ୍ରାମର ବାସିନ୍ଦା ୰ ଭୁଟୁ ସିଂଙ୍କ ପୁତ୍ର ପୁରସ୍ତମକୁ ବୟସ ୬୪ ଛୁଇଁଲା । ଜୀବନସାରା ଜଣେ ଦୀନମଜୁରିଆ ଭାବରେ କାମ କରୁଥିବା ପୁରସ୍ତମ ବାର୍ଦ୍ଧକ୍ୟ ଯୋଗୁଁ ଆଉ ଆଗ ଭଳି କାମ କରି ପାରୁ ନାହାଁନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଯୋଗୁଁ ସରକାର ଯୋଗାଇ ଦେଉଥିବା ଭତ୍ତାକୁ ଆଶା କରି ବସିଛନ୍ତି । ତେବେ ଭତ୍ତା ପାଇବା ପାଇଁ ପୁରସ୍ତମଙ୍କର ସବୁ କାଗଜପତ୍ର ଠିକ୍ ଥିବା ସ୍ୱତେ ସେ ଆଜି ପର୍ଯ୍ୟନ୍ତ ଭତ୍ତା ପାଇ ପାରି ନାହାଁନ୍ତି । ପଂଚାୟତ କାର୍ଯ୍ୟାଳୟ ତରଫରୁ ଭତ୍ତା ମିଳିବ ବୋଲି କେବଳ ଆଶ୍ୱାସନା ମିଳୁଛି ।

# ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ମୟୂରଭଞ୍ଜର ଜରୁରୀ ବୈଠକ

ମୟୂରଭଞ୍ଜ, ୨୩/୦୨ (ନି.ପ୍ର): ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶ୍ରୀ ହରେକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ପ୍ରାଥମିକ ଶିକ୍ଷକ ଭବନ, ଲାଲ ବଜାର ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର ୨୬ଟି ବ୍ଲକରୁ ସଭାପତି ଓ ସମ୍ପାଦକ ତଥା ଜିଲ୍ଲାର ସମସ୍ତ କର୍ମକର୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ଆଗାମୀ ୨୭ ତାରିଖ ଦିନ ପ୍ରତି ବ୍ଲକର ସଭାପତି ଓ ସମ୍ପାଦକ ତଥା ଜିଲ୍ଲାର ସମସ୍ତ କର୍ମକର୍ତା ଭୁବନେଶ୍ୱରରେ ଉପସ୍ଥିତ ହୋଇ ନିଜ ନିଜର ନିର୍ବାଚନ ମଣ୍ଡଳିର ବିଧାୟକ ମାନଙ୍କୁ ସାକ୍ଷାତ କରି



ଦାବୀ ପତ୍ର ପ୍ରଦାନ କରିବେ ଏବଂ ୨୮/୦୨/୨୦୨୩ରିଖ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକରେ ଅଂଶଗ୍ରହଣ କରି ଆଗାମୀ ଆନ୍ଦୋଳନର ତରିକା ସମ୍ପର୍କରେ ନିଷ୍ପତି ନେବାକୁ ଅନୁରୋଧ କରାଯାଉଅଛି। ଆଜିର ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଅନୁଯାଇ କେତେଜଣ ନୂତନ ସଦସ୍ୟଙ୍କୁ ଜିଲ୍ଲା ସଂଘରେ ସାମିଲ କରାଗଲା। ସେମାନେ ହେଲେ- ସେକ୍ ଇରସାଦ ଉଲ୍ଲା(ବାରିପଦା ବ୍ଲକ), ରବିନ୍ଦ୍ର ମହାନ୍ତ (ବେତନଟି ବ୍ଲକ), ଚନ୍ଦ୍ର ଶେଖର ବେହେରା (ବଡସାହି ବ୍ଲକ) ଓ ଆଶୁତୋଷ ସାହୁ (କପ୍ତିପଦା ବ୍ଲକ)। ଅନ୍ୟ ମାନଙ୍କ ମଧରେ କାର୍ଯ୍ୟକାରୀ ସଭାପତି-ଶିବନାରାୟଣ ମହାନ୍ତ, ରବିନ୍ଦ୍ର ସୋରେନ, ପ୍ରବୀଣ କୁମାର ମହାନ୍ତ, ଅନୀଲ କୁମାର ମହାନ୍ତ। ଉପ-ସଭାପତି- ଗୌର ଗୋପାଳ ଲେଙ୍କା, ପୁରସ୍ତମ ମହାନ୍ତ, ଗୀତିକା ବେହେରା, ରୂପାଲି ପଣ୍ଡା, ସୌମ୍ୟ ଦାଶ, ଚିରଞ୍ଜିବ ବେହେରା, ସାଧାରଣ ସମ୍ପାଦକ- ରାଜେନ୍ଦ୍ର ମହାନ୍ତ, ସଂଗଠନ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚିଟ୍ ଫଣ୍ଡ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩/୦୨ (ନି.ପ୍ର): ଚିଟ୍ ଫଣ୍ଡ ସଂସ୍ଥାର ସମ୍ପତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ଚିଟ୍ ଫଣ୍ଡ କୋର୍ଟ। ଶ୍ରୀଭୂମି ଚିଟ୍ ଫଣ୍ଡ ସଂସ୍ଥାର ଖୋର୍ଦ୍ଧା ଜିଲ୍ଲାରେ ଥିବା ୨୪ ଏକରରୁ ଉର୍ଦ୍ଧ୍ୱ ଜମି ବାଜ୍ୟାପ୍ତି ନିର୍ଦ୍ଦେଶ ଦିଆଯାଇଛି। ବାଜ୍ୟାପ୍ତି ଜମି ବିକ୍ରି କରି କ୍ଷତିଗ୍ରସ୍ତ ଜମାକାରୀଙ୍କୁ ବଂଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପତି ବାଜ୍ୟାପ୍ତି ଓ ବିକ୍ରି ଲାଗି କଟକ ସ୍ୱତନ୍ତ୍ର ଚିଟ୍ ଫଣ୍ଡ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୨୦୧୭ରେ ସଂସ୍ଥାର ୪୬ ଏକର ଜମି ବାଜ୍ୟାପ୍ତି ଓ ବିକ୍ରି ନିର୍ଦ୍ଦେଶ ଦେଇଥିଲେ।

# ଆଇନ୍ ସଚେତନତା ଓ ସଶକ୍ତିକରଣ ଶିବିର




ଭଦ୍ରକ, ୨୩/୦୨ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟ ଭଦ୍ରକରେ ଆଇନ୍ ସଚେତନତା ଓ ସଶକ୍ତିକରଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀମତୀ ନେହା ଅଗରୱାଲ ଏହାକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଭଦ୍ରକ ଶ୍ରୀ ଆଶିଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ) ଭଦ୍ରକ ଶ୍ରୀ ମୁକ୍ତି ରଞ୍ଜନ ଶତପଥୀ, ସ୍ପେସିଆଲ ପ୍ରସେକ୍ୟୁଟର (ପି.ପି.) ଶ୍ରୀ ବଟକୃଷ୍ଣ ଦାଶ ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସୁପ୍ରିତି କର ତଥା ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀବୃନ୍ଦ ଏବଂ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ । ଏହି ଶିବିରରେ ୧୮ ବର୍ଷରୁ କମ ବୟସର ପିଲାମାନେ କିପରି ଯୌନ ଆକ୍ରମଣର ଶିକାର ହେଉଛନ୍ତି ସେ ସମସ୍ତ ବିଷୟରେ ଆଲୋଚନା କରାଯାଇ ପିଲାମାନଙ୍କ ମଧରେ ସଚେତନତା ବୃଦ୍ଧି ରାଯାଇଥିଲା । ଯୌନ ଆକ୍ରମଣ ପରି ଅପରାଧ କାର୍ଯ୍ୟରୁ ପିଲାମାନଙ୍କୁ କିପରି ସୁରକ୍ଷା ଦେଇ ହେବ ସେ ସବୁ ଉପରେ ଏହି ସଚେତନତା ଶିବିରରେ ଆଲୋଚନା କରାଯାଇଥିଲା ।

# କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ ଖବର ରାଜ୍ୟ ସରକାରଙ୍କ ପାଖରେ ନାହିଁ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୩/୦୨ (ନି.ପ୍ର): କୋଟିଆରେ ଆନ୍ଧ୍ରପ୍ରଦେଶର ବେଆଇନ୍ ଅନୁପ୍ରବେଶ ଏବଂ ରାସନ ବଂଟା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପାଖରେ କୌଣସି ଖବର ନାହିଁ। ବିଧାନସଭାରେ ବିଜେପି ବିଧାୟିକା କୁସୁମ ଟେଟେଙ୍କ ଅଣତାରକା ପ୍ରଶ୍ନରେ କିଛି ଏଭଳି ଉତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର କୋଟିଆରେ ଆନ୍ଧ୍ରପ୍ରଦେଶର ବେଆଇନ୍ ଅନୁପ୍ରବେଶ ନେଇ ଖବର ପ୍ରକାଶ ପାଇଥିବା ବେଳେ ବିଧାୟିକା କୁସୁମ ଟେଟେ ୨୦୨୧ରେ ଆନ୍ଧ୍ର ଅଧିକାରୀ କେତେ ଥର ଅନୁପ୍ରବେଶ କରିଛନ୍ତି ବୋଲି ଜାଣିବାକୁ ଚାହିଁଥିଲେ। ଏହାର ଉତରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଆନ୍ଧ୍ର ଦ୍ୱାରା ୨୦୨୧ରୁ ଭତା କିମ୍ବା ରାସନ୍ ବଂଟନ କି ରାସ୍ତା ନିର୍ମାଣ ସମ୍ପର୍କିତ ତଥ୍ୟ ଜିଲ୍ଲା ପ୍ରଶାସନ ପାଖରେ ନାହିଁ। ଆନ୍ଧ୍ର ତରଫରୁ ଏଠାରେ ରାସ୍ତା ନିର୍ମାଣ ହୋଇନାହିଁ। ସେହିଭଳି କୌଣସି କାର୍ଯ୍ୟକଳାପ ଦୃଷ୍ଟିଗୋଚର ହେଲେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

ଜାତୀୟ ସ୍ୱାସ୍ଥ୍ୟ ମିଶନ୍ NATIONAL HEALTH MISSION

## ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

### ୫ ବର୍ଷରେ ୭ ଥର

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




### ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି,ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧,ପେଣ୍ଟାଭାଲେଣ୍ଟ-୧,ଏଫ୍ଆଇପିଭି-୧,ଆର୍‌ଭିଭି-୧,ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨,ପେଣ୍ଟାଭାଲେଣ୍ଟ-୨,ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩,ଏଫ୍ଆଇପିଭି-୨,ଆର୍‌ଭିଭି-୩,ପିସିଭି-୨ |
| ୯-୧୨ମାସ | ଏମ୍ଆର୍-୧,ଭିଟାମିନ୍-କ***, ପିସିଭି ବୁଷ୍ଟର, ଜେଇ-୧**, ଏଫ୍ଆଇପିଭି-୩ |
| ୧୬-୨୪ମାସ | ଏମ୍ଆର୍-୨,ଭିଟାମିନ୍-କ ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟିକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ମାସ ବ୍ୟବଧାନରେ ଦିଆଯାଏ ।

OIPR : 10003/13/0151/2223

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

# ଉଦଳାରେ 'ରୋଟାରୀ'ର ୧୧୮ ତମ ଜୟନ୍ତୀ ପାଳିତ

ଉଦଳା, ୨୩/୦୨ (ନି.ପ୍ର): ଉଦଳାରେ ରୋଟାରୀ କ୍ଲବର ୧୧୮ତମ ଜୟନ୍ତି ଆଜି ଫେବୃଆରୀ ୨୩ ତାରିଖ ଗୁରୁବାର ଦିନ ଆନନ୍ଦ ଉଲ୍ଲାସ ମଧରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସ ବ୍ୟାପି ସଫେଇ, ଜାତୀୟ ସଂଗୀତ ପରିବେଷଣ, ସାଧଶରଣ ସଭା, ଓଡ଼ଶୀ ନୃତ୍ୟ ପରିବେଷଣ ସହିତ ପୋଷାକ ଗ୍ରହଣ ଓ ବିତରଣ କେନ୍ଦ୍ର(ବିଣାପାଣି)ର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଭାତରେ କ୍ଲବର ସମସ୍ତ ସଦସ୍ୟ ଓ ଇନରହ୍ୱିଲର ସଦସ୍ୟାବୃନ୍ଦ ଉତ୍ସବସ୍ଥଳରେ ଏକତ୍ରିତ ହୋଇ ସଫେଇ କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିଥିଲେ । ପରେ ସ୍ଥାନୀୟ ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ୨ ଜଣ ଛାତ୍ରୀ ଓଡ଼ଶୀ ନୃତ୍ୟ ପରିବେଷଣ କରିଥିଲେ । ଏହାପରେ କ୍ଲବର ସଂପାଦକ ସୁଦର୍ଶନ ପ୍ରଧାନଙ୍କ ପରିଚାଳନାରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ଏଥିରେ କପ୍ତିପଦା ଉପଖଣ୍ଡର ଡ଼େପୁଟି କଲେକ୍ଟର ରତନଲାଲ ମୁଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ, ସେବା କରି ନିଜେ ଆତ୍ମ ତୃପ୍ତି ପାଉଥିବା ରୋଟାରୀ କ୍ଲବର ସମସ୍ତ ସଦସ୍ୟଙ୍କର ମାନସିକତାକୁ ଭୂୟସୀ ପ୍ରଶଂସା କରିବା ସହିତ ଗତ ୧୯୯୯ ମସିହାରେ ଘଟିଥିବା ମହାବାତ୍ୟା ସମୟରେ ସେବା କ୍ଷେତ୍ରରେ ନିଜର ଅନୁଭୂତି ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ସଭାପତି ହରେନ ପଟ୍ଟନାୟକ କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ସହ ଉତ୍ସର୍ଗୀକୃତ ସେବା ମଧରେ ଲୁଚି ରହିଥିବା ବିଶାଳ ହୃଦୟର କଥାକୁ ଭାଷା ମାଧମରେ ବ୍ୟକ୍ତ କରାଯାଇପାରିବ ନାହିଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ କ୍ଲବର ପ୍ରାକ୍ତନ ସଭାପତି ସୁବାସ




ଚନ୍ଦ୍ର ପଣ୍ଡା, ପୋଷାକ ଗ୍ରହଣ ଓ ବିତରଣ କେନ୍ଦ୍ର(ବିଣାପାଣୀ)ର ଚେୟାରମେନ ଅଜୟ ବେହେରା, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆଜକୁ ୧୧୮ ବର୍ଷ ପୁର୍ବେ ୧୯୦୫ ମସିହା ଫେବୃଆରୀ ମାସ ୨୩ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରରେ କିପରି ମାତ୍ର ୪ ଜଣ ବନ୍ଧୁଙ୍କ ଦ୍ୱାରା ସୃଷ୍ଟି ହୋଇଥିବା 'ରୋଟାରୀ' ଆଜି ପୃଥିବୀର ୨୧୪ ଗୋଟି ଦେଶରେ ୪୬ ହଜାରରୁ ଉର୍ଦ୍ଧ ରୋଟାରିଆନଙ୍କ ଦ୍ୱାରା ସେବା କରିବା ସହ ପୃଥିବୀକୁ ଗୋଟିଏ ପରିବାର କରି ଗଢ଼ି ତୋଳିବାର ସ୍ୱପ୍ନ ଦେଖିଛି ବକ୍ତବ୍ୟ ମାଧମରେ କହିଥିଲେ । ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରାକ୍ତନ ସଭାପତି ଅଶୋକ ମହାନ୍ତି, ଡ଼ା. ଶଚିଦାନନ୍ଦ ପରିଡ଼ା, ଇନରହ୍ୱିଲର ସଭାପତି ଜୟନ୍ତୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ବିପର୍ଯ୍ୟୟଜନିତ ବିପଦ ହ୍ରାସ ଓ ପ୍ରତିରୋଧ ଜାତୀୟ କର୍ମଶାଳା

ଭୁବନେଶ୍ୱର,୨୩/୦୨ (ନି.ପ୍ର): ଉପକୂଳ ଅଂଚଳରେ ବିପର୍ଯ୍ୟୟଜନିତ ବିପଦ ହ୍ରାସ ଓ ପ୍ରତିରୋଧ ସଂପର୍କିତ ଦିନିକିଆ ଜାତୀୟ କର୍ମଶାଳା କୃଷିଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଏନ୍‌ଡିଏମ୍ଏ), ଜାତୀୟ ବିପର୍ଯ୍ୟାୟ ପରିଚାଳନା ଅନୁଷ୍ଠାନ (ଏନ୍‌ଆଇଡ଼ିଏମ୍ଏ), ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓସ୍‌ଡମା) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଡିଏମ୍ଏ, ଏନ୍‌ଆଇଡିଏ, ଉପକୂଳବର୍ତୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରତିନିଧି, ଶିକ୍ଷାବିତ୍, ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ୟୁଏନ୍ ର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏନ୍ ଆଇଡିଏମ୍ ର ପ୍ରଫେସର ଡ. ସୂର୍ଯ୍ୟ ପ୍ରକାଶ ପ୍ରତିନିଧିମାନଙ୍କୁ ସ୍ୱାଗତ କରି କହିଲେ ଯେ ଅଂଶଗ୍ରହଣକାରୀମାନେ ଉପକୂଳ ଅଂଚଳରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରତିରୋଧ ସଂପର୍କରେ ନିଜ ନିଜର ମତ ଉପସ୍ଥାପନ ସହ ଅଭିଜ୍ଞତା ବାଂଟିବା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟ ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଜେନା କହିଲେ ଯେ ବିଭିନ୍ନ ରାଜ୍ୟର କାର୍ଯ୍ୟକୌଶଳକୁ ଆମେ ଗଭୀର ଭାବେ ଅନୁଶୀଳନ କରିବା ଆବଶ୍ୟକ।

# ନିଶାର ହବ୍ ପାଲଟିଥିବା ଜଳେଶ୍ୱରକୁ ନିଶାମୁକ୍ତ ଦାବି

ଜଳେଶ୍ୱର, ୨୩/୦୨ (ନି.ପ୍ର): ବଂଲାଦେଶ, ପଶ୍ଚିମବଂଗ ଓ ପାକିସ୍ଥାନର ବିଭିନ୍ନ ସ୍ଥାନରୁ ମାତ୍ରାଧିକ ନିଶା ଜାତୀୟ ଦ୍ରବ୍ୟ ଆସି ଜଳେଶ୍ୱର ଦେଇ ଅନ୍ୟ ଅଂଚଳକୁ ବିକ୍ରି ପଠାଯାଇ ଆସୁଛି । ତେଣୁ ଜଳେଶ୍ୱରର ବହୁସ୍ଥାନ ମାଦକଦ୍ରବ ହବ୍ ଭାବେ ପରିଚିତ । କିନ୍ତୁ ଏବେ ସଚେତନ କେତେକ ବ୍ୟକ୍ତି ଜଳେଶ୍ୱରକୁ ନିଶାମୁକ୍ତ କରିବାପାଇଁ ଜିଲାପାଳଙ୍କ ଠାରେ ଆବେଦନ ଓ ନିବେଦନ କରିଛନ୍ତି । ଓଡିଶାକୁ ଆସୁଥିବା ସିଂହଭାଗ ଧଳ ଜହର, ଗଂଜେଇ, ବିଶାକ୍ତ ଚୋରା ମଦ ଜଳେଶ୍ୱର ଦେଇ ଅନ୍ୟତ୍ର ଚାଲାଣ ହୋଇଥାଏ । ଜଳେଶ୍ୱରର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ଏହା ଠୁଳ ହୋଇଥାଏ । ପରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଚୋରାରେ ଚାଲାଣ ହୁଏ । କେତେକ ସୂଚନା ଅନୁଯାୟୀ ବଂାଲାଦେଶରୁ ବର୍ଦ୍ଧମାନ, କୋଲକତା, ଖଡଗପୁର, ଦୀଘା ଏପରିକି ବଂଲାଦେଶରୁ ଜଳପଥରେ ଚୋରା ମାଦକଦ୍ରବ୍ୟ ଚନ୍ଦନେଶ୍ୱର ଦୀଘା ଅଂଚଳରେ ପହଂିବାପରେ ସେଠାରୁ ଜଳେଶ୍ୱର ଆସିଥାଏ । ସେହିପାରି ପାକିସ୍ଥାନରୁ ଆସୁଥିବା ମାଦକଦ୍ରବ୍ୟ ବିଭିନ୍ନ ବିମାନ ବନ୍ଦର ଦେଇ ପଶ୍ଚିମବଂଗରେ ପହଂିବା ବରେ ୬୦ନଂ ଜାତୀୟ ରାଜପଥରେ ଚାଲାଣ ହୋଇଥାଏ । ସମୁଦ୍ରକୁ ଶଂଖେଭଳି ଅବକାରୀ ବିଭାଗ ଓ ପୁଲିସ୍ ଧରିବାରେ ସକ୍ଷମ ହୋଇଥାନ୍ତି । କିନ୍ତୁ ଏଭଳି ଘଟଣା ଜଳେଶ୍ୱର ଅଂଚଳରେ ଏକ କୁଟୀର ଶିଳ୍ପଭାବେ ପରିଣତ ହେବାକୁ ଯାଉଥିବା ବେଳେ ଜଳେଶ୍ୱରର କେତେକ ସଚେତନ ନାଗରିକ ଏହାକୁ ବିରୋଧ କରିଛନ୍ତି । ବ୍ୟାପକ ଚଢାଉ କରାଯାଇ ମାଦକଦ୍ରବ୍ୟ ରୋକିବାକୁ ସେମାନେ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି । ଆମ୍ବେଦକର ସମତା ମଂଚର ସଭାପତି ଅଶୋକ କୁମାର ଜେନାଙ୍କ ନେତୃତ୍ୱରେ ଜଳେଶ୍ୱରକୁ ନିଶାମୁକ୍ତ ଅଂଚଳ କରିବାଲାଗି ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାରେ ନିବେଦନ କରିଛନ୍ତି । ନିାକାରବାର ସ୍କୁଲ, କଲେଜର ଛାତ୍ର/ଛାତ୍ରୀ ଓ ଯୁବକମାନଙ୍କ ଉପରେ ପ୍ରଭାବ ପକାଉଥିବାରୁ ଏହା ବିରୋଧରେ କଡାକଡି ରୋକ୍ ଲଗାଇବାବୁ ସେମାନେ କହିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo